www.nirbhaysuchana.com
nirbhaysuchanaepaper.com
www.twitter.com/
NirbhaySuchana
www.facebook.com/
Nirbhaysuchana

NIRBHAY SUCHANA
# ନିର୍ଭୟ ସୂଚନା

RNI No. ODIODI/2015/65606 Postal RegNo.-CK(N)/22/2021-2023

Vol.No.-12, Issue-31 Friday 02, October, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୩୧ ଶୁକ୍ରବାର, ୦୨ ଅକ୍ଟୋବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ ଟଙ୍କା

## ଭାରତୀୟ ପାଇଲଟ ସ୍ମିତ ମଚ୍ଛରଙ୍କୁ ସଲାମ କଲା ସାରା ବିଶ୍ୱ

### ପାଇଲଟ ସ୍ମିତ୍ ମାଚ୍ଛରଙ୍କୁ ପ୍ରଶଂସା କଲେ ମୋଦି

ନୂଆଦିଲ୍ଲୀ,୧।୧୦: ଦୁବାଇରୁ ଇସ୍ରାଏଲ ଯାଉଥିବା ଫ୍ଲାଇଦୁବାଇ ବିମାନରେ କଥିତ ଅପହରଣ ଉଦ୍ୟମକୁ ପ୍ରତିହତ କରିବାରେ ଭୂମିକା ନେଇଥିବା ଭାରତୀୟ କ୍ୟାପଟ୍ଟେନ ସ୍ମିତ ମଚ୍ଛରଙ୍କ ସାହସକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ଅନ୍ୟମାନଙ୍କ ଜୀବନ ବଞ୍ଚାଇବା ପାଇଁ କ୍ୟାପଟ୍ଟେନ ମଚ୍ଛର ଯେଉଁ ସାହସ ଓ ଦୃଢ଼ତା ଦେଖାଇଛନ୍ତି, ତାହାକୁ ମୋଦି ପ୍ରଶଂସା କରିଛନ୍ତି। କେବଳ ମୋଦି ନୁହେଁ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ଡୋନାଲ୍ଡ ଟ୍ରମ୍ପ ମଧ୍ୟ ମଚ୍ଛରଙ୍କୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ 'ଏକ୍ସ'ରେ ପୋଷ୍ଟ କରି କ୍ୟାପଟ୍ଟେନ ମଚ୍ଛରଙ୍କୁ 'ହିରୋ' ବୋଲି ଉଲ୍ଲେଖ କରିଛନ୍ତି। ତାଙ୍କ ସାହସ ଯୋଗୁ ଶହ ଶହ ଯାତ୍ରୀଙ୍କ ଜୀବନ ରକ୍ଷା ପାଇବା ସହ ଏକ ବଡ଼ ଦୁର୍ଘଟଣା ଟଳିଥିବା ମୋଦି



କହିଛନ୍ତି। ଭାରତକୁ କ୍ୟାପଟ୍ଟେନ ମଚ୍ଛରଙ୍କ ପାଇଁ ଗର୍ବିତ ବୋଲି କହିବା ସହ ତାଙ୍କ ଶୀଘ୍ର ସୁସ୍ଥତା କାମନା କରିଛନ୍ତି।

ରିପୋର୍ଟ ଅନୁସାରେ, ଫ୍ଲାଇଦୁବାଇର ରତ ୧୦୭୩ ବିମାନର କକପିଟ୍ ?ରେ ଏକ ଗୁରୁତର ଘଟଣା ଘଟିଥିଲା। ଓମାନର ଜଣେ ପାଇଲଟ କଥିତ ଭାବେ ବିମାନକୁ

### ପାଇଲଟ ସ୍ମିତଙ୍କୁ ମିଳିବ ଗୁଜରାଟ ଗରିମା ସମ୍ମାନ

ଗାନ୍ଧିନଗର,୧।୧୦: ଗୁଜରାଟ ସରକାର ସାହସୀ ପାଇଲଟ ସ୍ମିତ ମଚ୍ଛାରଙ୍କ ପାଇଁ ରାଜ୍ୟ ପୁରସ୍କାର ଘୋଷଣା କରିଛନ୍ତି। ତାଙ୍କ ଶୀଘ୍ର ଆରୋଗ୍ୟ ପାଇଁ ସୋମନାଥ ମନ୍ଦିରରେ ବିଶେଷ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଘୋଷଣା କରିଥିବା ମଚ୍ଛାରଙ୍କୁ ମର୍ଯ୍ୟାଦାଜନକ ଗୁଜରାଟ ଗରିମା ସମ୍ମାନ ପ୍ରଦାନ କରାଯିବ। ତାଙ୍କ ଅସାଧାରଣ ସାହସିକତା ଏବଂ ମାନବିକ କାର୍ଯ୍ୟ ପାଇଁ ତାଙ୍କୁ ଗୁଜରାଟର ସ୍ୱୀକୃତି ମିଳିବ। ଏହି ସମ୍ମାନରେ ୨୫ ଲକ୍ଷ ଟଙ୍କା ଏବଂ ପୁରସ୍କାର ଅନ୍ତର୍ଭୁକ୍ତ।

ଅପହରଣ କରି ଦୁର୍ଘଟଣାଗ୍ରସ୍ତ କରିବାକୁ ଉଦ୍ୟମ କରିଥିବା ରିପୋର୍ଟ ଆସିଛି।

ଏହି ସମୟରେ ଦୁଇ ପାଇଲଟଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। କ୍ୟାପଟ୍ଟେନ ସ୍ମିତ ମଚ୍ଛରଙ୍କ ଉପରେ ଛୁରିରେ ଆକ୍ରମଣ ହୋଇଥିବା ଏବଂ ସେ ଗୁରୁତର ଆହତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ଆହତ ହୋଇଥିଲେ ମଧ୍ୟ କ୍ୟାପଟ୍ଟେନ ମଚ୍ଛର କକପିଟ୍‌ର ଦ୍ୱାର ଖୋଲିବାରେ ସଫଳ ହୋଇଥିଲେ। ଏହାପରେ ବିମାନରେ ଥିବା ଯାତ୍ରୀମାନେ କକପିଟ ଭିତରକୁ ପ୍ରବେଶ କରି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାରେ ସହାୟତା କରିଥିବା କୁହାଯାଇଛି। ବିମାନଟି ତେଲ ଆଭିଭ୍‌ରେ ଅବତରଣ କରିବା ପରେ ଯାତ୍ରୀମାନେ ଘଟଣା ସମ୍ପର୍କରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ସୂଚନା ଦେଇଥିବା ରିପୋର୍ଟ ରହିଛି। ଯାତ୍ରୀମାନଙ୍କ କହିବା ଅନୁସାରେ, ଆହତ କ୍ୟାପଟ୍ଟେନ ମଚ୍ଛର କକପିଟ୍‌ର ଦ୍ୱାର ଖୋଲିବା ପରେ ସେମାନେ ଭିତରକୁ ପ୍ରବେଶ କରିଥିଲେ ଏବଂ ଅନ୍ୟ ପାଇଲଟଙ୍କୁ ନିୟନ୍ତ୍ରଣକୁ ନେଇଥିଲେ।

## ଖୁବଶୀଘ୍ର ତୁଟିବ ମହାନଦୀର ବାଟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧।୧୦ (ନି.ସୂ): ନୂଆଦିଲ୍ଲୀ କର୍ତ୍ତବ୍ୟ ଭବନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ମହାନଦୀ ଜଳ ବିବାଦ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର.ପାଟିଲ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଉପସ୍ଥିତ ଥିଲେ ।



ବୈଠକ ସମାପ୍ତ ହେବା ପରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି ଯେ ଖୁବ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏହି ଆଲୋଚନା ସକାରାତ୍ମକ ହୋଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ଧୀରେ ଧୀରେ ସମାଧାନର ନିକଟତର ହେଉଛୁ । ଖୁବ୍ ଶୀଘ୍ର ଏହାର ଚୂଡ଼ାନ୍ତ ରୂପରେଖ ପ୍ରକାଶ ପାଇବ ବୋଲି ସେ ଆଶା ରଖିଛନ୍ତି । ଉଭୟ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମାଧାନର ପନ୍ଥା ବାହାରିବ ବୋଲି ସେ କହିଛନ୍ତି।

ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଡବଲ ଇଞ୍ଜିନ ସରକାରରେ ଦେଶ ଓ ରାଜ୍ୟର ବିକାଶ ଯେପରି ତ୍ୱରାନ୍ୱିତ ହେଉଛି, ରାଜ୍ୟମାନଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ମଧ୍ୟ ପ୍ରଥ ଉନ୍ମୁକ୍ତ ହେଉଛି । ଏହି ସମାଧାନ ବାକି ସବୁ ରାଜ୍ୟମାନଙ୍କ ପାଇଁ ଏକ ମଡେଲ ଡିସ୍ପୁଟ ରିଜୋଲ୍ୟୁସନ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ମହାନଦୀ ଆମର ଜୀବନ ରେଖା। ଓଡ଼ିଶାର କୋଟି କୋଟି ଲୋକଙ୍କ ଜୀବନଜୀବିକାର ପନ୍ଥା ହେଉଛି ମହାନଦୀ। ଜଳସେଚନ, ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ୍ ଉତ୍ପାଦନ, ପାନୀୟ ଜଳଯୋଗାଣ, ପର୍ଯ୍ୟାବରଣ ଆଦି ଅନେକ ବିଷୟରେ ସେ ବୈଠକରେ ଉପସ୍ଥାପନ କରିଛନ୍ତି ବୋଲି କହିଥିଲେ। ଓଡ଼ିଶାକୁ କିପରି ପର୍ଯ୍ୟାପ୍ତ ପରିମାଣରେ ଜଳ ଉପଲବ୍ଧ ହେବ, ବୈଠକରେ ସେ ଗୁରୁତ୍ୱ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଡବଲ ଇଞ୍ଜିନ ସରକାର ଆସିବା ପରେ, ଉଭୟ ଛତିଶଗଡ ଓ ଓଡ଼ିଶାରେ ମହାନଦୀ ସମସ୍ୟାର ସମାଧାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଆଇନଗତ ପ୍ରକ୍ରିୟା ସହିତ ପ୍ରଶାସନିକ ଓ ରାଜନୈତିକ ସମାଧାନର ପନ୍ଥାକୁ ମଧ୍ୟ ବ୍ୟାପକ କରାଯାଇଛି । ୨୦୨୫ ଜୁଲାଇ -ଅଗଷ୍ଟରେ ଆମ ଦୁଇଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହା ମଧ୍ୟରେ ଉଭୟ ରାଜ୍ୟର ମୁଖ୍ୟଶାସନ ସଚିବ ଓ ଜଳ ସମ୍ପଦ ସଚିବ ସ୍ତରରେ ଅନେକ ବୈଠକ ହୋଇଯାଇଛି ।

## ସିଇଓଙ୍କ ସ୍ୱେଚ୍ଛାକୃତ ଅବସର ପ୍ରସଙ୍ଗରେ ବର୍ଷିଲେ ବିରୋଧୀ

### ଅଧିକାରୀଙ୍କ ଉପରେ ଚାପ ପକାଉଛନ୍ତି ସରକାର



ଭୁବନେଶ୍ୱର, ୧୦।୧ (ନି.ସୂ): ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍ ଗୋପାଳନ ସ୍ୱେଚ୍ଛାକୃତ ଅବସର ଆବେଦନ ଘଟଣା । ସରକାରଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଲେ ବିଜେଡି ବିଧାୟକ ଅରୁଣ ସାହୁ । ସେ କହିଛନ୍ତି ଯେ, ବିଜେପି ସରକାର ଅଫିସରମାନଙ୍କ ଉପରେ ଚାପ ପକାଇବା ଦ୍ୱାରା ଏମିତି ହେଉଛି । କିଛି ଦିନ ତଳେ ଜଣେ ଆଇପିଏସ୍ ଇସ୍ତଫା ଦେଇଥିଲେ, ଏବେ ଜଣେ ଆଇଏଏସ୍ ଅଧିକାରୀ ଇସ୍ତଫା ଦେଇଛନ୍ତି । ଭିତରେ କିଛି ଗଡ଼ବଡ଼ ଚାଲିଛି । ସାରା ଭାରତ ବର୍ଷରେ ଯେତେବେଳେ ନିର୍ବାଚନ ଅଧିକାରୀଙ୍କ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି ସେହି ସମୟରେ ଗୋପାଳନଙ୍କ ଇସ୍ତଫା ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠିଛି । ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ, ଆର. ଏସ୍ ଗୋପାଳନଙ୍କ ଭଳି ଆଇଏଏସ୍ ଅଫିସର ବିରଳ । ଏବେ ଜ୍ଞାନେଶ କୁମାର ଉପରେ ଭୋଟ ଚୋରି ପ୍ରଶ୍ନ ଉଠିଥିବା ବେଳେ ଗୋପାଳନଙ୍କ ଭିଆରଏସ୍ ନେବା ଘଟଣା ସନ୍ଦେହ ସୃଷ୍ଟି କରୁଛି । ଏସଆଇଆରରେ ତାଙ୍କୁ କିଛି ଭୁଲ୍ କାମ କରିବା ପାଇଁ ଚାପ ପଡ଼ିଥାଇ ପାରେ । ଭଲ ଅଫିସର ଡେପୁଟେସନରେ ଚାଲି ଯାଇଛନ୍ତି । ଡିସିପି ମୀନା ବି ଇସ୍ତଫା ଦେଇଛନ୍ତି ।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ, ପ୍ରଶାସନିକ କ୍ଷେତ୍ରକୁ ବିଜେପି ରାଜନୈତିକରଣ କରୁଛି । ଯେଉଁଥି ପାଇଁ ସମୟ ପୂର୍ବରୁ ବହୁ ସରକାରୀ ଅଧିକାରୀ ଭିଆରଏସ୍ ନେଇଛନ୍ତି । ଝଓଜ ପ୍ରକ୍ରିୟାରେ କେନ୍ଦ୍ର ସରକାର ଓ ବିଜେପି ପକ୍ଷରୁ ଚାପ ସୃଷ୍ଟି କରାଯାଉଛି । ଅଧିକାରୀମାନଙ୍କୁ ଅନୈତିକ କାର୍ଯ୍ୟରେ ସାମିଲ କରିବାକୁ ଚାପ ଦିଆଯାଉଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଡବଲ ଇଞ୍ଜିନ ସରକାର ସାମ୍ବିଧାନିକ ବ୍ୟବସ୍ଥାକୁ ସମ୍ମାନ ଦେଉ ନାହାଁନ୍ତି । ସେପଟେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ, କିଛିଦିନ ତଳେ ଭୁବନେଶ୍ୱର ଡିସିପି ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ଏବେ ଆରଏସ୍ ଗୋପାଳନ ମଧ୍ୟ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି । କିଏ ସ୍ୱେଚ୍ଛାକୃତ ଅବସର ନେବ, ତାହା ତାଙ୍କର ବ୍ୟକ୍ତିଗତ ବ୍ୟାପାର । ଏଥିରେ ରାଜନୀତିକରଣ କରାଯିବା ଉଚିତ୍ ନୁହଁ ।

## ନିୟମିତ ହେଲେ ୨୦୨୩-୨୪ରେ ନିଯୁକ୍ତ ଶିକ୍ଷକ

ଭୁବନେଶ୍ୱର,୧।୧୦ (ନି.ସୂ): କନିଷ୍ଠ ଶିକ୍ଷକଙ୍କ ପାଇଁ ସରକାରଙ୍କ ବଡ ଘୋଷଣା। କନିଷ୍ଠ ଶିକ୍ଷକ(ସ୍କିମାଟିକ୍)ଙ୍କୁ ସରକାର ନିୟମିତ ଘୋଷଣା କରିଛନ୍ତି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ୨୦୨୩-୨୪ ବର୍ଷରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୋଜିତ କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କୁ ନିୟମିତ କରାଯିବ । ଏହି ଶିକ୍ଷକମାନଙ୍କୁ ଏଲିମେଣ୍ଟାରୀ କ୍ୟାଡରର ସହକାରୀ ଶିକ୍ଷକ ଲେଭଲ୍-୦(ଇ) ପଦରେ ନିୟମିତ କରାଯାଇଛି। ୨୦୨୬ ଜାନୁଆରୀ ୧ରୁ ଏହା ଲାଗୁ ହେବ। ଏହି ପିଛିଲା ତାରିଖରୁ ନିୟମିତ ଦରମା ଓ ଅନ୍ୟାନ୍ୟ ସରକାରୀ ସୁବିଧା ପାଇବେ।

ତେବେ ନିୟମିତ ଘୋଷଣା ପୂର୍ବରୁ ଯେଉଁ ସମୟ ପର୍ଯ୍ୟନ୍ତ ସେମାନେ ସ୍କିମାଟିକ୍/ଚୁକ୍ତିଭିତ୍ତିକ କ୍ଷମତାରେ କାର୍ଯ୍ୟ କରିଥିଲେ, ସେହି ସମୟକୁ ନିୟମିତ ସେବା ଭାବେ ଗଣନା କରାଯିବ ନାହିଁ । ଏହି ସମୟ ପାଇଁ ନିୟମିତ ସିନିୟରିଟି କିମ୍ବା ଅନ୍ୟ କୌଣସି ନିୟମିତ ସେବା ସୁବିଧା ମିଳିବ ନାହିଁ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଦୀର୍ଘ ଦିନ ଧରି କରି ଆସୁଥିବା ଦାବି ପୂରଣ ହୋଇଥିବାରୁ କନିଷ୍ଠ ଶିକ୍ଷକଙ୍କ ମହଲରେ ଖୁସି ଦେଖା ଦେଇଛି।

## ନବୀନଙ୍କ 'ଆକ୍ସନ' ଚେତାବନୀ

(ସତ୍ୟବ୍ରତ ପାତ୍ର)

ଭୁବନେଶ୍ୱର,୧।୧୦(ନି.ସୂ.): ପଞ୍ଚାୟତ ନିର୍ବାଚନର ସିଧାସଳଖ ତଦାରଖ କରିବେ ସୁପ୍ରିମୋ, ବିଶୃଙ୍ଖଳାକାରୀଙ୍କୁ କଡ଼ା ଚେତାବନୀ । ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ରାଜନୀତି ସରଗରମ ହେଉଥିବା ବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏକ ବଡ଼ ରାଜନୈତିକ ବାର୍ତ୍ତା ଦେଇଛନ୍ତି। ବୁଧବାର ନବୀନ ନିବାସରେ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳି ଓ ଶେରଗଡ଼ର ପଞ୍ଚାୟତ ପ୍ରତିନିଧି ତଥା ନେତାଙ୍କୁ ଭେଟିବା ଅବସରରେ ସେ ଦଳୀୟ ବିଶୃଙ୍ଖଳାକାରୀଙ୍କୁ ଖୋଲା ଚେତାବନୀ ଦେଇଛନ୍ତି। ଦଳ ଭିତରେ ରହି ଯେଉଁମାନେ ବଦମାସୀ ବା ବିଶୃଙ୍ଖଳା କରୁଛନ୍ତି, ସେସବୁ ତାଙ୍କ ନଜରରେ ଅଛି ଏବଂ ସେମାନଙ୍କ ଉପରେ ଠିକ୍ ସମୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନବୀନ ସ୍ପଷ୍ଟ କରିଛନ୍ତି। ଯଦିଓ ସେ କାହାରି ନାମ ନେଇନାହାନ୍ତି, ତଥାପି ନିଜ ସ୍ୱଭାବ ବିପରୀତ ନବୀନଙ୍କ ଏହି ଆକ୍ରମଣାତ୍ମକ ବୟାନ ରାଜ୍ୟ ରାଜନୀତିରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି।

ରାଜନୈତିକ ସମୀକ୍ଷକଙ୍କ ମତରେ, ନବୀନଙ୍କ ଏହି ଚେତାବନୀ କେବଳ ତାଙ୍କ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳି ବା ଶେରଗଡ଼ ମଧ୍ୟରେ ସୀମିତ ନୁହେଁ। ବରଂ ନିଜ ଗଡ଼ କଥା ଉଠାଇ ସେ ସାରା ରାଜ୍ୟର ଅନ୍ୟ ସମସ୍ତ ନିର୍ବାଚନ ମଣ୍ଡଳୀରେ ଥିବା ଦଳ ବିରୋଧୀ ତଥା ବିଶୃଙ୍ଖଳିତ କର୍ମୀମାନଙ୍କୁ ଏକ ପରୋକ୍ଷ ବାର୍ତ୍ତା ଦେଇଛନ୍ତି। ସାଧାରଣ ନିର୍ବାଚନ ପରେ



ବିଭିନ୍ନ ସ୍ଥାନରେ ମୁଣ୍ଡ ଟେକୁଥିବା ଗୋଷ୍ଠୀ କନ୍ଦଳ ଓ ଅନ୍ତର୍ଘାତୀ କାର୍ଯ୍ୟକଳାପ ଉପରେ ଦଳର ଶୀର୍ଷ ନେତୃତ୍ୱଙ୍କ ତୀକ୍ଷ୍ଣ ନଜର ରହିଛି ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ଯେଉଁମାନେ ଦଳର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଛନ୍ତି, ସେମାନେ ଯେତେ ପ୍ରଭାବଶାଳୀ ହେଲେ ମଧ୍ୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସେମାନଙ୍କୁ କ୍ଷମା ଦିଆଯିବ ନାହିଁ ବୋଲି ଏକ କଡ଼ା ସଙ୍କେତ ଦିଆଯାଇଛି ।ଆଗକୁ ଆସୁଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି ମୁଖିଆଙ୍କ ଏହି ଆଭିମୁଖ୍ୟ ବେଶ୍ ଗୁରୁତ୍ୱ ବହନ କରୁଛି। ନିଜ ନେତାମାନଙ୍କୁ 'ବହୁତ ପରିଶ୍ରମ କରନ୍ତୁ' କହି ନବୀନ ଏହା ପ୍ରମାଣିତ କରିଛନ୍ତି ଯେ, ଆଗାମୀ ପଞ୍ଚାୟତ ନିର୍ବାଚନର ପ୍ରସ୍ତୁତି, ପରିଚାଳନା ଓ ତଦାରଖ ସେ ନିଜେ ସିଧାସଳଖ କରିବେ। ତୃଣମୂଳ ସ୍ତରରେ ଦଳକୁ ପୁଣିଥରେ ସୁଦୃଢ଼ କରିବା ପାଇଁ ଶୃଙ୍ଖଳାକୁ ଏବେ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ତେଣୁ ବିଶୃଙ୍ଖଳାକାରୀଙ୍କୁ ନବୀନଙ୍କ ଏହି 'ଆକ୍ସନ' ଚେତାବନୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସମସ୍ତ ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମୀଙ୍କୁ ସତର୍କ କରାଇବା ସହ ଦଳର ଆଭ୍ୟନ୍ତରୀଣ ଶୃଙ୍ଖଳା ଫେରାଇ ଆଣିବାରେ ଏକ ବଡ଼ ଅସ୍ତ୍ର ସାଜିପାରେ।







# ଅଙ୍ଗନବାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' ପାଳିତ

**ଚିକିଟି, ୧।୧୦(ନି.ସୂ) :** ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ପୋଷଣ ମାସ ଆନୁକୁଲ୍ୟରେ ଚିକିଟି ବ୍ଲକ ଏବଂ ଏନ୍ ଏ ସି ଅନ୍ତର୍ଗତ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଗତ ୨୭.୦୯.୨୬ ଠାରୁ ଆରମ୍ଭ ହୋଇ ୨୯.୦୯.୨୬ ପର୍ଯ୍ୟନ୍ତ ତିନି ଦିନ ଧରି 'ଆଙ୍ଗନ କା ଉତ୍ସବ'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ସେହିପରି ଭାବେ ରାଜ୍ୟବ୍ୟାପୀ ପାଳିତ ହେଉଥିବା ରାଷ୍ଟ୍ରୀୟ ପୋଷଣ ମାସ ତଥା 'ସେବା ସଂକଳ୍ପ'ଅଭିଯାନ ଅବସରରେ ସିଡିପିଓ ଭି. ମଣିମାଳାଙ୍କ ତତ୍ତ୍ୱାବଧାନରେ ଚିକିଟି ଏନ୍ ଏ ସି ଅନ୍ତର୍ଗତ ୬ ନଂ ୱାର୍ଡ ଅଙ୍ଗନବାଡ଼ି କର୍ମୀ ରାଜଲକ୍ଷ୍ମୀ ସାହୁଙ୍କ ସଂଯୋଜନାରେ ଅଙ୍ଗନବାଡ଼ି କେନ୍ଦ୍ର ଠାରେ



ଏହି ' ଆଙ୍ଗନ କା ଉତ୍ସବ ' କାର୍ଯ୍ୟକ୍ରମ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଦିନରେ ପୁରୁଷ ଅଭିଭାବକ ମାନଙ୍କ ଦ୍ୱାରା ବିଭିନ୍ନ ପୁଷ୍ଟିକର ଖାଦ୍ୟ କୁ ନେଇ ପ୍ରତିଯୋଗୀତା ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଅଙ୍ଗନବାଡ଼ି ଶିଶୁ ମାନଙ୍କୁ ନେଇ ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ଭଳି ପ୍ରତିଯୋଗୀତା ଆୟୋଜନ ହୋଇଥିଲା।

ପରିଶେଷରେ ଅର୍ଥାତ୍ ତୃତୀୟ ଦିନରେ ସ୍ୱତନ୍ତ୍ର ତ୍ରିରଙ୍ଗା ଥାଳି ପରିବେଷଣ ସହ ଶିଶୁ ଓ ଗର୍ଭବତୀ ମହିଳା ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୋଷଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଉକ୍ତ ଉଦଯାପନୀ ଉତ୍ସବରେ ୱାର୍ଡ କାଉନସିଲର ଶ୍ରୀମତୀ ଅନିତା ସାହୁ ଯୋଗ ଦେଇ ପୁରୁଷ ଅଭିଭାବକ ରୋଷେଇ ପ୍ରତିଯୋଗୀତାରେ ପ୍ରଥମ ଟି. ମୂରଲୀ, ଦ୍ୱିତୀୟ ସନ୍ତୋଷ କୁମାର ସାହୁ ଓ ତୃତୀୟ ସ୍ଥାନ ହାସଲ କରିଥିବା ଜୟରାମ ଆଚାରୀଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି ସହାୟିକା ସମେତ ପ୍ରାୟ ସମସ୍ତ ଶିଶୁ ମାନଙ୍କ ଉପସ୍ଥିତି ସହ ଅଭିଭାବକ ଓ ଅଭିଭାବିକା ଉପସ୍ଥିତି ଏବଂ ସହଯୋଗରେ କାର୍ଯ୍ୟକ୍ରମ ଟି ସଫଳ ରୂପାୟନ ହୋଇପାରିଥିଲା।

# ମାଇଁ ଏନସିସି ଆଲୁମନି ଆସୋସିଏସନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**କେନ୍ଦ୍ରାପଡା, ୧।୧୦(ନି.ସୂ) :** ଆନ୍ତର୍ଜାତିକ ତଟ ସୁରକ୍ଷା ଦିବସ ଉପଲକ୍ଷେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପଞ୍ଜିକୃତ ସଂସ୍ଥା ମାଇଁ ଏନସିସି ଆଲୁମନି ଆସୋସିଏସନ ଏବଂ କେନ୍ଦ୍ରାପଡା ସ୍ୱେଚ୍ଛାସେବୀ ପରିବାରର ସଦସ୍ୟମାନଙ୍କ ମିଳିତ ସହଯୋଗରେ କେନ୍ଦ୍ରାପଡା ଜିଲ୍ଲା



ରାଜନଗର ବ୍ଲକର ପେଣ୍ଠ ବେଳାଭୂମିକୁ ସଫେଇ କରାଯାଇଛି। ପ୍ରଥମେ ସାଗରକୁ ବନ୍ଦାପନା କରାଯିବା ପରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି ବେଳାଭୂମିର ସଫେଇ କରିଥିଲେ। ଏହାପରେ ସେଠାରେ ଉପସ୍ଥିତ ଛୋଟ ପିଲା ଓ ପର୍ଯ୍ୟଟକମାନଙ୍କୁ କିପରି ପରିବେଶର ସୁରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସଚେତନ କରାଯାଇଥିଲା ବୋଲି ମାଇଁ ଏନସିସି ଆଲୁମନି ଆସୋସିଏସନର ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

# ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ଗୁଡାରୀ, ୧।୧୦(ନି.ସୂ) :** ଗୁଡାରୀ ନୂଆ ଡେରାସାହିରେ ପ୍ରତିବର୍ଷଭଳି ଚଳିତ ବର୍ଷମଧ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ହୋଇଯାଇଛି । ଏହି ଅବସରରେ କିଛିଦିନ



ପୂର୍ବରୁ ପୂଜାକମିଟି ପକ୍ଷ୍ୟରୁ ଆସନ୍ତା ଅକ୍ଟୋବର ୨୫ ରେ ହେବାକୁଥିବା ଦ୍ୱାଦଶ ତମ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଡକାଯାଇ ପୂଜା କିଭଳି ଆକର୍ଷଣିୟ ହେବ, ପୂଜାପାଇଁ ଆବଶ୍ୟକିୟ ସରଂଜାମ, ମୂର୍ତ୍ତି, ପୁରୋହିତ ଆଦି ବିଭିନ୍ନ ଆଦାୟ, ଖର୍ଚ୍ଚ ବିଷୟରେ ଆଲୋଚନା ହୋଇ ଥିଲା। ସେହିଅନୁଯାଇ ଡେରାସାହିର ସମସ୍ତ ପୁରୁଷ, ମହିଳା ଭକ୍ତ ନିତ୍ୟକର୍ମ ସାରି ମହା ଆଡମ୍ବରରେ ସଂକର୍ତ୍ତନ ମଣ୍ଡଳି ଓ ଶଂଖ ଧ୍ୱନିରେ ଫୁଲ, ଫଳ, ଧୁପ, ଦିପ, ପୂଜାସାମଗ୍ରି ସହ ନିର୍ଦ୍ଧାରିତ ସମୟରେ ପୂଜା ସ୍ଥଳରେ ପହଞ୍ଚି ଥିଲେ। ପୂର୍ବପ୍ରସ୍ତୁତି ଅନୁଯାଇ ପୂଜକ ଉଦ୍ଧବ ମହାପାତ୍ର, ଏବଂ ନୃସିହ ପ୍ରସାଦ ମିଶ୍ର ପୁଜାର୍ଚ୍ଚନା କରିଥିବ ବେଳେ କର୍ତାଭାବେ ସୁଦର୍ଶନ ବାଉରି ଏବଂ ତାଙ୍କ ଧର୍ମପତ୍ନୀ ପୂଜାକାର୍ଯ୍ୟ ତୁଲାଇଥିଲେ।

# ଲୁଣିପାଣି ମତ୍ସ୍ୟଚାଷ ଉପରେ ଜିଲ୍ଲାସ୍ତରୀୟ ସଚେତନତା

**ବ୍ରହ୍ମପୁର, ୧।୧୦(ନି.ସୂ) :** ଲୁଣିପାଣିରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ମତ୍ସ୍ୟ ଓ ଚିଙ୍ଗୁଡ଼ି ଚାଷକୁ ଅଧିକ ଲାଭଜନକ କରିବା ଏବଂ ମତ୍ସ୍ୟଚାଷୀଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ଆଜି ବ୍ରହ୍ମପୁରସ୍ଥିତ ଗଞ୍ଜାମ ମୁଖ୍ୟ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଲୁଣିପାଣି ମତ୍ସ୍ୟଚାଷ ସମ୍ପର୍କିତ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।




କାର୍ଯ୍ୟକ୍ରମରେ ମତ୍ସ୍ୟ ବିଭାଗର ଉପନିର୍ଦ୍ଦେଶକ ମନୋରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୁଣିପାଣି ମତ୍ସ୍ୟଚାଷର ବିକାଶ ଓ ଏହାର ବ୍ୟାପକ ସମ୍ଭାବନା ସମ୍ପର୍କରେ ମତ୍ସ୍ୟଚାଷୀମାନଙ୍କୁ ଅବଗତ କରାଇଥିଲେ। ଗଞ୍ଜାମ-୨ କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ ଡ. ସିଦ୍ଧାର୍ଥ ଶଙ୍କର ଦାସ ଏବଂ ଗଞ୍ଜାମ ମୁଖ୍ୟ ଜିଲ୍ଲା ମତ୍ସ୍ୟ ଅଧିକାରୀ ବି.ବି.ଜେ. ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତ୍ସ୍ୟଚାଷୀମାନଙ୍କୁ ଆବଶ୍ୟକ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହି ଅବସରରେ ଲୁଣିପାଣିରେ ନୂତନ ଜ୍ଞାନକୌଶଳର ପ୍ରୟୋଗ, ଜଳର ଗୁଣବତ୍ତା ନିୟନ୍ତ୍ରଣ, ଚିଙ୍ଗୁଡ଼ି ଓ ମାଛର ବିଭିନ୍ନ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ, ଉତ୍ପାଦନ ବୃଦ୍ଧି ତଥା ଚାଷୀଙ୍କ ଆୟ ବୃଦ୍ଧି ଦିଗରେ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା।

ଏଥିସହ ବିଭିନ୍ନ ସରକାରୀ ଯୋଜନା, ଆର୍ଥିକ ସହାୟତା ଓ ରିହାତି ସୁବିଧା ସମ୍ପର୍କରେ ମଧ୍ୟ ଉପସ୍ଥିତ ମତ୍ସ୍ୟଚାଷୀ ଓ ଉଦ୍ୟୋଗୀମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ସହକାରୀ ମତ୍ସ୍ୟ ଅଧିକାରୀ ଅଙ୍କିତା କରଙ୍କ ସମେତ ରଙ୍ଗେଇଲୁଣ୍ଡା, ଚିକିଟି, ଗଞ୍ଜାମ, ଖଲ୍ଲିକୋଟ ଓ ଛତ୍ରପୁର ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଜିଲ୍ଲାର ବିଭିନ୍ନ ଉପକୂଳବର୍ତ୍ତୀ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ଲୁଣିପାଣି ଚିଙ୍ଗୁଡ଼ି ଚାଷୀ ଓ ଉଦ୍ୟୋଗୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# କବିତା ମାଧ୍ୟମରେ କର୍କଟ ରୋଗ ସଚେତନତା

**ବାଲିଆପାଳ, ୧।୧୦(ନି.ସୂ) :** ଦୈନିକ ଖବରକାଗଜ ଅପରାହ୍ନ ପକ୍ଷରୁ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଶୋଭମ ଗେଷ୍ଟ ହାଉସ ପରିସରରେ ରବିବାର ଅପରାହ୍ନ ସାରସ୍ୱତ ବନ୍ଧୁ ମିଳନ ଉତ୍ସବ - ୨୦୨୬ ଓ କବିତା ପାଠ ମାଧ୍ୟମରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ଶିବିରରେ ବାଲିଆପାଳ ଅଞ୍ଚଳ ସହିତ ବିଭିନ୍ନ ସ୍ଥାନର ବହୁ କବି କବୟିତ୍ରୀ ମାନେ



ଯୋଗ ଦେଇ କର୍କଟ ରୋଗ ଶୀର୍ଷକ ଉପରେରେ ସଚେତନତା କବିତା ଆବୃତ୍ତି କରିଥିଲେ।ଏଥି ସହିତ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସଂଗ୍ରାମ କେଶରୀ ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମଣିଷ କାହିଁକି କର୍କଟ ରୋଗରେ ଆକ୍ରାନ୍ତ ହୁଅନ୍ତି ଏବଂ ଏହାର ନିରାକରଣ ପାଇଁ ବିଭିନ୍ନ ଉପଦେଶ ଦେଇଥିଲେ।

ଏହି ଅବସରରେ ବିଶିଷ୍ଟ କବି ବ୍ରଜେନ୍ଦ୍ର ନାଥ ଗିରି ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କବି ଶ୍ରୀ କୁମାର ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ତ୍ରୈମାସିକ ଶିଶୁ ପତ୍ରିକାର ସମ୍ପାଦକ ବିଶିଷ୍ଟ କବି କାଳି କିଙ୍କର ଦାଶ, ଅନ୍ୟତମ ଅତିଥି ଭାବରେ ଅବସରପ୍ରାପ୍ତ ଡି ଆଇ ସୁବାସ ଚୌଧୁରୀ, ବାଲିଆପାଳ ଶ୍ରୀ ଗୋପୀନାଥ ସ୍ନାତକଳର ପୁର୍ବତନ ପରିଚାଳନା ନିର୍ଦ୍ଦେଶକ,ଭରତ ମହାନ୍ତି, ଖବତ ଦିତା ଦୀନବନ୍ଧୁ ପ୍ରଧାନ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କବିତା ଆସରକୁ ତାନଶ୍ରୀ ପାଣିଗ୍ରାହୀ ସଞ୍ଚାଳନ କରିଥିବା ବେଳେ ଦୈନିକ ଅପରାହ୍ନ ଖବର କାଗଜର ପ୍ରକାଶକ ବଂଶୀଧର ଜେନା ମଞ୍ଚ ଆହ୍ୱାନ କରିଥିଲେ। ଏହି ଅବସର ବିଭିନ୍ନ ପ୍ରତିଭା ମାନଙ୍କୁ ଦୈନିକ ଅପରାହ୍ନ ଖବର କାଗଜର ସଂପାଦିକା ଲକ୍ଷ୍ମୀ ପ୍ରିୟା ଦାସ ସମସ୍ତ ଅତିଥି ଏବଂ ବିଭିନ୍ନ ପ୍ରତିଭାବାନ ବିକ୍ତି ମାନଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଅବକାରୀ ଫ୍ଲାଇଂ ସ୍କ୍ୱାଡ୍‌ର ଦାଦାଗିରି ଅଭିଯୋଗ

## ନିର୍ଦ୍ଦୋଷୀଙ୍କୁ କୋର୍ଟ ଚାଲାଣ , ବିରୋଧ କରିବାରୁ ସାମ୍ବାଦିକଙ୍କୁ ଆକ୍ରମଣ

**କଟକ ସିଟି, ୧।୧୦(ନି.ସୂ) :** ସହରରେ କାୟା ବିସ୍ତାର କରୁଥିବା ଅସଲ ନିଶା ମାଫିଆଙ୍କୁ ଧରିବାରେ ବିଫଳ ହେବା ପରେ, ନିଜର ଆପାରଗତା ଲୁଚାଇବାକୁ ନିରୀହ ଲୋକଙ୍କୁ କୋର୍ଟ ଚାଲାଣ କରୁଛି ଅବକାରୀ ବିଭାଗ। କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍‌ର ଏଭଳି ଦାଦାଗିରି ଏବଂ ଏହାକୁ ବିରୋଧ କରିବାରୁ ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିଛି।

ମିଳିଥିବା ସୂଚନା ମୁତାବକ, ତିନିଘରିଆ ଅଞ୍ଚଳର ଜଣେ ଯୁବକଙ୍କୁ ଫ୍ଲାଇଂ ସ୍କ୍ୱାଡ୍ ବିନା କୌଣସି ଠୋସ୍ କାରଣରେ ଉଠାଇ ନେବା ସହ ତାଙ୍କ ନିକଟରୁ ୧୧୦ ଗ୍ରାମ୍ ବ୍ରାଉନସୁଗାର ଜବତ ଦର୍ଶାଇ କୋର୍ଟ ଚାଲାଣ କରିଥିଲା। ପୁଅକୁ କେଉଁ କାରଣରୁ ନିଆଯାଉଛି ବୋଲି ପିତା ପଚାରିବାରୁ ଏବଂ



'ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ'ର ଦ୍ୱାରସ୍ଥ ହେବେ ବୋଲି କହିବାରୁ, ଅବକାରୀ ଅଧୀକ୍ଷକ ଉତକ୍ଷିପ୍ତ ହୋଇ ଆମର କେହି କିଛି କରିପାରିବେ ନାହିଁ ବୋଲି ଧମକ ଦେଇଥିଲେ।

ଏହାପରେ ପୀଡ଼ିତଙ୍କ ପରିବାର ଗଣମାଧ୍ୟମର ସହାୟତା ଲୋଡ଼ିଥିଲେ। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ସାମ୍ବାଦିକମାନେ ଅବକାରୀ କାର୍ଯ୍ୟାଳୟରେ ପହଞ୍ଚି ପଚରାଉଚୁରା କରିବାରୁ ବିଭାଗୀୟ କର୍ମଚାରୀମାନେ ଉତ୍ତ୍ୟକ୍ତ ହୋଇ ଚରମ ଦୁର୍ବ୍ୟବହାର କରିଥିଲେ। ବରିଷ୍ଠ ସାମ୍ବାଦିକ ନିରଞ୍ଜନ ପଟ୍ଟନାୟକଙ୍କୁ ମଧ୍ୟ ଧମକ ଦିଆଯାଇଥିଲା। ଏପରିକି ସେ ଅବକାରୀ କମିଶନରଙ୍କୁ ସାକ୍ଷାତ କରିବାକୁ ଚାହିଁଥିଲେ ବି ତାଙ୍କୁ ଭେଟିବାକୁ ଦିଆଯାଇ ନଥିଲା।

ଏହି ଆକ୍ରମଣ ବିରୋଧରେ ଶ୍ରୀ ପଟ୍ଟନାୟକ ବିଡ଼ାନାସୀ ଥାନାରେ ଲିଖିତ ଏଫ୍ଆଇଆର ଦାୟର କରିଛନ୍ତି। ପୋଲିସ ମାମଲା ରୁଜୁ କରିବା ସହ ତାଙ୍କର ଡାକ୍ତରୀ ମାଇନା କରାଇଛି। ଅବକାରୀ ବିଭାଗର ଏଭଳି ବେପରୁଆ ମନୋଭାବ ଓ ସାମ୍ବାଦିକଙ୍କ ଉପରେ ଆକ୍ରମଣକୁ ବିଭିନ୍ନ ସାମ୍ବାଦିକ ସଂଘ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି। ସମ୍ପୃକ୍ତ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ରାଜ୍ୟ ସରକାର ତୁରନ୍ତ ଦୃଢ଼ ଶୃଙ୍ଖଳାଗତ ତଥା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜୋର୍ ଧରିଛି।

# ଯୁବ ନିର୍ଦ୍ଦେଶକ ଧନେଶ୍ୱରଙ୍କୁ ଓଡିଶା ଅପେରା ମାଷ୍ଟର ଆସୋସିଏସନର କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ

**ରସୁଲପୁର, ୧।୧୦(ନି.ସୂ) :** ଯାଜପୁର କୁଆଖିଆ ଅଂଚଳର ଚର୍ଚ୍ଚିତ ଯାତ୍ରା ଯୁବ ନିର୍ଦ୍ଦେଶକ ଧନେଶ୍ୱର ଦାଶ ତଥା ସମସ୍ତଙ୍କ ପ୍ରିୟ କାବୁଲା ସାରଙ୍କୁ ଓଡିଶା ଅପେରା ମାଷ୍ଟର ଆସୋସିଏସନର କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଛି । ଯାହାକୁ ନେଇ ଯାଜପୁର ଅଂଚଳର



କଳାକାର ଭାଇ ମାନଙ୍କ ଭିତରେ ଖୁସିର ଲହରୀ ଖେଳିଯାଇଛି ।

କାବୁଲା ସାରଙ୍କ ପ୍ରଚେଷ୍ଟାରେ କଳାକାର ମାନଙ୍କୁ ସଙ୍ଗଠିତ କରିବାର ପ୍ରୟାସରେ ଗଢିଉଠିଥିବା ଆମ ଆଞ୍ଚଳିକ ନାଟ୍ୟସଂସଦର କଳାକାର ମାନେ ସାରଙ୍କୁ ଶୁଭେଚ୍ଛାର ବାର୍ତା ପଠାଇଛନ୍ତି । କାବୁଲା ସା ଙ୍କ ଜନ୍ମ ମାଟି କୋଳଥଳର ଅନୁଷ୍ଠାନ ମା' କ୍ଷେତ୍ରପାଳିନୀ ନାଟ୍ୟସଂସଦର ସଭାପତି, ସମ୍ପାଦକ ତଥା କଳାକାର ମାନେ ଶୁଭେଚ୍ଛା ଜଣାଇଛନ୍ତି। ଓଡିଶା ଅପେରା ମାଷ୍ଟର ଆସୋସିଏସନ ଯାତ୍ରାକୁ ସାହିତ୍ୟର ମାନ୍ୟତାଦେବା ସହ ଆସନ୍ତା କାଲିର ଭବିଷ୍ୟତ ମାନେ କିଭଳି ଓଡ଼ିଆ ଯାତ୍ରାକୁ ୱେବସାଇଟ ମାଧ୍ୟମରେ ଜାଣି ପାରିବେ ସେ ଦିଗରେ କାର୍ଯ୍ୟ କରିଥାଏ । ଓଡିଶା ଅପେରା ମାଷ୍ଟର ଆସୋସିଏସନ ଏ ସଂକ୍ରାନ୍ତରେ ଓଡିଶା ସରକାରଙ୍କ ପାଖରେ ଖୁବଶୀଘ୍ର ସମସ୍ତ ଦାବି ସମ୍ବନ୍ଧରେ ଅବଗତ କରିବ ବୋଲି ଓଡିଶା ଅପେରା ମାଷ୍ଟର ଆସୋସିଏସନର କାର୍ଯ୍ୟକାରୀ ସଦସ୍ୟ ଶ୍ରୀଯୁକ୍ତ ଦାଶ ନିଜର ମତ ରଖିଥିଲେ ।

# ବରିଷ୍ଠ ନାଗରିକ ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

**ଖୋରଧା, ୧।୧୦(ନି.ସୂ) :** ଖୋରଧା ବୁଢ଼ି ବଗିଚା ଜୀବନଧାରା ସେବା ଆଶ୍ରମ ଠାରେ ଅକ୍ଟୋବର ଏକ ତାରିଖ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ରୋଟାରି କ୍ଲବ ଅଫ ଭୁବନେଶ୍ୱର ମେଟ୍ରୋଙ୍କ ଆନୁକୁଲ୍ୟ ରେ ଖୋରଧା ବୁଢୀ ବଗିଚା ସ୍ଥିତ ଜୀବନଧାରା ସେବାଶ୍ରମ ର ଅନ୍ତେବାସୀ ମାନଙ୍କ ପାଇଁ ଏକ ସଂବର୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି।

ଏଠାରେ ମହିଳା ଓ ପୁରୁଷ ମିଶି ପଚିଶ ଜଣ ବରିଷ୍ଠ ତଥା କିଛି ଅତି ବରିଷ୍ଠ ନାଗରିକ ଆଶ୍ରିତ। କ୍ଲବ ତରଫରୁ ସମସ୍ତଙ୍କୁ ନୁତନ ବସ୍ତ୍ର ପ୍ରଦାନ କରାଯିବା ସହିତ ଗୁରୁବାରରେ ତାଙ୍କପାଇଁ ଲକ୍ଷ୍ମୀ ମନ୍ଦିର ପ୍ରସାଦ ବନ୍ଦୋବସ୍ତ କରାଯାଇଥିଲା। ଇନର ହୁଇଲ କ୍ଳବ ମେଟ୍ରୋ ତରଫରୁ ଫଳ, ବିସ୍କୁଟ ଓ ଅମୁଲ ପାକେଟ ବିତରଣ କରାଯାଇଥିଲା। ରୋଟାରିଆନ କୃଷ୍ଣ ଚରଣ ପଟ୍ଟନାୟକଙ୍କ ସହଯୋଗରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ଭୁବନେଶ୍ୱରରୁ ଆସିଥିବା ବରିଷ୍ଠ ରୋଟାରିଆନ ଓ ଇନର ହୁଇଲ ସଦସ୍ୟ ମାନେ ଅନ୍ତେବାସୀଙ୍କ ସହ ଦୁଇ ଘଣ୍ଟାରୁ ଅଧିକ ସମୟ ରହି ସୁଖଦୁଃଖ ଆଲୋଚନା କରିଥିଲେ ଓ ଏକାଠି ବସି ପ୍ରସାଦ ସେବନ କରିଥିଲେ। କିଛି ମହିଳା ଅନ୍ତେବାସୀ ଜଗନ୍ନାଥ ଭଜନ ଓ ଜଣାଣ ଗାନ କରି ଏକ ଖୁସିର ମାହୋଲ ସୃଷ୍ଟି କରିଥିଲେ। ପରିଶେଷରେ ରୋଟାରୀ କ୍ଲବ ପ୍ରେସିଡେଣ୍ଟ ମିହିର କୁମାର ପଟ୍ଟନାୟକ ଓ ଇନର ହୁଇଲ କ୍ଲବ ପ୍ରେସିଡେଣ୍ଟ ଭାରତୀ ମିଶ୍ର ସମସ୍ତଙ୍କୁ ବିଶେସ କରି ବୃଦ୍ଧାଶ୍ରମର ପରିଚାଳକ ଓ ଉପସ୍ଥିତ ସାମ୍ବାଦିକ ବନ୍ଧୁ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଖୋରଧାର ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଅବସରରେ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ରୋଟାରି କ୍ଲବ ଅଫ ଭୁବନେଶ୍ୱର ମେଟ୍ରୋଙ୍କ ଆନୁକୁଲ୍ୟ ରେ ଖୋରଧା ବୁଢୀ ବଗିଚା ସ୍ଥିତ ଜୀବନଧାରା ସେବାଶ୍ରମ ର ଅନ୍ତେବାସୀ ମାନଙ୍କ ପାଇଁ ଏକ ସଂବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି। ଏଠାରେ ମହିଳା ଓ ପୁରୁଷ ମିଶି ପଚିଶ ଜଣ ବରିଷ୍ଠ ତଥା କିଛି ଅତି ବରିଷ୍ଠ ନାଗରିକ ଆଶ୍ରିତ। କ୍ଲବ ତରଫରୁ ସମସ୍ତଙ୍କୁ ନୁତନ ବସ୍ତ୍ର ପ୍ରଦାନ କରାଯିବା ସହିତ ଗୁରୁବାରରେ ତାଙ୍କପାଇଁ ଲକ୍ଷ୍ମୀ ମନ୍ଦିର ପ୍ରସାଦ ବନ୍ଦୋବସ୍ତ କରାଯାଇଥିଲା। ଇନର ହୁଇଲ କ୍ଲବ ମେଟ୍ରୋ ତରଫରୁ ଫଳ, ବିସ୍କୁଟ ଓ ଅମୁଲ ପାକେଟ ବିତରଣ କରାଯାଇଥିଲା। ରୋଟାରିଆନ କୃଷ୍ଣ ଚରଣ ପଟ୍ଟନାୟକଙ୍କ ସହଯୋଗରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ଭୁବନେଶ୍ୱରରୁ ଆସିଥିବା ବରିଷ୍ଠ ରୋଟାରିଆନ ଓ ଇନର ହୁଇଲ ସଦସ୍ୟ ମାନେ ଅନ୍ତେବାସୀଙ୍କ ସହ ଦୁଇ ଘଣ୍ଟାରୁ ଅଧିକ ସମୟ ରହି ସୁଖଦୁଃଖ ଆଲୋଚନା କରିଥିଲେ ଓ ଏକାଠି ବସି ପ୍ରସାଦ ସେବନ କରିଥିଲେ। କିଛି ମହିଳା ଅନ୍ତେବାସୀ ଜଗନ୍ନାଥ ଭଜନ ଓ ଜଣାଣ ଗାନ କରି ଏକ ଖୁସିର ମାହୋଲ ସୃଷ୍ଟି କରିଥିଲେ। ପରିଶେଷରେ ରୋଟାରୀ କ୍ଲବ ପ୍ରେସିଡେଣ୍ଟ ମିହିର କୁମାର ପଟ୍ଟନାୟକ ଓ ଇନର ହୁଇଲ କ୍ଲବ ପ୍ରେସିଡେଣ୍ଟ ଭାରତୀ ମିଶ୍ର ସମସ୍ତଙ୍କୁ ବିଶେସ କରି ବୃଦ୍ଧାଶ୍ରମ ର ପରିଚାଳକ ଓ ଉପସ୍ଥିତ ସାମ୍ବାଦିକ ବନ୍ଧୁ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସେବା ସଙ୍କଳ୍ପ ଅଭିଯାନ ଅନୁଷ୍ଠିତ

**ଖୋର୍ଦ୍ଧା, ୧।୧୦(ନି.ସୂ) :** ଓଡ଼ିଶା ସରକାରଙ୍କ ସେବା ସଙ୍କଳ୍ପ ଅଭିଯାନ ୨୦୨୬ ଅବସରରେ, ପାଳିତ ହେଉଥିବା ସେବା ପକ୍ଷ କାର୍ଯ୍ୟକ୍ରମ ଅଧୀନରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରୋଟାରୀ କ୍ଲବ୍ ବାଣପୁର - ବାଲୁଗାଁ ଓ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ସାଙ୍ଗକୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଉକ୍ତ କାଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣଙ୍କ ସ୍ୱତଃ ସ୍ଫୂର୍ତ ଯୋଗଦାନରେ ମୋଟ ୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି।

ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମିଟୁ ନାୟକ ଓ ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ହୋତା ଅତିଥି ଭାବେ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ରକ୍ତଭଣ୍ଡାର ର କର୍ମଚାରି ମାନେ ଏହାକୁ ଗୁରୁତ୍ୱ ଦେଇ ସୁ ପରିଚାଳନା କରିଥିବା ବେଳେ, ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଏବଂ ରୋଟାରୀ କ୍ଲବ୍ ବାଣପୁର - ବାଲୁଗାଁର ସଦସ୍ୟ ମାନେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ।

# ଅଡାଲପଙ୍କ ହାଇସ୍କୁଲରେ ନିଶାମୁକ୍ତ ଅଭିଯାନ

**ବନ୍ତ, ୧।୧୦(ନି.ସୂ) :** ବନ୍ତ ପୋଲିସ ପକ୍ଷରୁ ଅଡାଲପଙ୍କ ହାଇସ୍କୁଲରେ "ନିଶାମୁକ୍ତ ଅଭିଯାନ" କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିଶାଦ୍ରବ୍ୟ ଓ ମାଦକ ସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମ ସମୟରେ ଛାତ୍ରଛାତ୍ରୀମାନଙ୍କୁ ନିଶାଦ୍ରବ୍ୟ, ବେଆଇନ ମଦ, ତମାଖୁ ଏବଂ ଅନ୍ୟାନ୍ୟ ନିଶାଜାତୀୟ ପଦାର୍ଥର କୁପ୍ରଭାବ ବିଷୟରେ ସଚେତନ କରାଯାଇଥିଲା। ନିଶାଠାରୁ ଦୂରେଇ ରହି ସୁସ୍ଥ ଓ ଦାୟିତ୍ୱବାନ ଜୀବନଶୈଳୀ ଆପଣାଇବାକୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିଶା ସେବନର ନିରାକରଣ, ଦାୟିତ୍ୱବାନ ନାଗରିକତା ଏବଂ ନିଶାମୁକ୍ତ ସମାଜ ଗଠନର ଗୁରୁତ୍ୱ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ମଚାରୀମାନଙ୍କୁ ନିଜ ପରିବାର ଏବଂ ସମାଜ ମଧ୍ୟରେ "ନିଶାମୁକ୍ତ ଓଡ଼ିଶା"ର ବାର୍ତ୍ତା ପହଞ୍ଚାଇବାକୁ ଉତ୍ସାହିତ କରାଯାଇଥିଲା।ନିଶାମୁକ୍ତ ଏବଂ ସୁରକ୍ଷିତ ସମାଜ ଗଠନ ଦିଗରେ ବନ୍ତ ପୋଲିସ ନିଜର ପ୍ରତିବଦ୍ଧତା ଅନୁଯାୟୀ ଆଗାମୀ ଦିନରେ ମଧ୍ୟ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ଥାନୀୟ ଅଞ୍ଚଳରେ ଏଭଳି ସଚେତନତା ଓ ପ୍ରତିଷେଧମୂଳକ କାର୍ଯ୍ୟକ୍ରମ ଜାରି ରଖିବ।

# ବେଆଇନ ମଦ ଜବତ

**ବନ୍ତ, ୧।୧୦(ନି.ସୂ) :** ବନ୍ତ ପୋଲିସ ପକ୍ଷରୁ ବନ୍ତ ଥାନା ଅଧୀନ ବିଭିନ୍ନ ସ୍ଥାନରେ ସନ୍ଧ୍ୟାକାଳୀନ ପାଟ୍ରୋଲିଂ ଏବଂ ଅବକାରୀ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ପୋଲିସ କେନ୍ଦୁଝର ଜିଲ୍ଲା ନନ୍ଦୀପଦାର ଅମିତ ଯୋଗୀ (୪୦)କୁ ବସନ୍ତିଆ ବଜାର ନିକଟସ୍ଥ ପାଣି ଟାଙ୍କି ନିକଟରୁ ଧରିଥିଲା। ତାଙ୍କ ନିକଟରୁ ୭.୫ ଲିଟର ବେଆଇନ ମଦ ଜବତ କରାଯାଇଥିଲା।

ସେହିପରି, ଅନ୍ୟ ଏକ ଚଢ଼ାଉ ସମୟରେ ତାଳପଦା ଅଞ୍ଚଳର ସୁରେଶ ମୁଣ୍ଡା (୪୫)କୁ ଧରାଯାଇଥିଲା। ତାଙ୍କ ନିକଟରୁ ୭ ଲିଟର ବେଆଇନ ମଦ ଜବତ କରାଯାଇଥିଲା।

ଅଭିଯୁକ୍ତମାନେ ମଦ ରଖିବା କିମ୍ବା ବିକ୍ରି କରିବା ସମ୍ପର୍କରେ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିବାରୁ ଜବତ ମଦକୁ ପୋଲିସ ନିଜ ହେପାଜତକୁ ନେଇଥିଲା। ରାସାୟନିକ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରି ସିଲ୍ କରାଯାଇଥିଲା।

ଏହି ଘଟଣାରେ ବନ୍ତ ଥାନାରେ କେସ୍ ନମ୍ବର ୨୮୪/୨୦୨୬ ଏବଂ ୨୮୫/





୨୦୨୬ ରୁଜୁ କରାଯାଇ ଓଡ଼ିଶା ଅବକାରୀ ଆଇନର ଧାରା ୫୨(ଏ) ଅନୁଯାୟୀ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯାଇଛି। ଏହା ବ୍ୟତୀତ ଅନ୍ୟ ଏକ ଅଭିଯାନରେ ବନ୍ତ ପୋଲିସ ପକ୍ଷରୁ ୨ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ୩୦.୦୯.୨୦୨୬ରେ ଆବଶ୍ୟକ ଆଇନଗତ ପ୍ରକ୍ରିୟା ପାଇଁ ମାନ୍ୟବର ଅଦାଲତକୁ ପଠାଯାଇଥିଲା। ବନ୍ତ ପୋଲିସ ନିଜ ଥାନା ଅଧୀନରେ ବେଆଇନ ମଦ କାରବାର, ୱାଣ୍ଟେଡ୍ ବ୍ୟକ୍ତି ଏବଂ ଅନ୍ୟାନ୍ୟ ଆଇନ ଉଲ୍ଲଂଘନ ବିରୋଧରେ ଆଗାମୀ ଦିନରେ ମଧ୍ୟ ଜୋରଦାର ଚଢ଼ାଉ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିବ।

# ମା'ଥାନପତୀ ଭଜନ ଅନୁଷ୍ଠାନର ସଂଗୀତ ସମାରୋହ

**କେନ୍ଦ୍ରାପଡା, ୧।୧୦(ନି.ସୂ) :** କେନ୍ଦ୍ରାପଡା ସହର ଉପକଣ୍ଠ କଷୋଟିସ୍ଥିତ ମା'ଥାନପତୀ ଭଜନ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସମାଜସେବୀ ତଥା ରତ୍ନାକର ହାଇସ୍କୁଲର ପୂର୍ବତନ ସଭାପତି ସ୍ୱର୍ଗତ କାହ୍ନୁ ଚରଣ ପଲାଇଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବରେ ସଂଗୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କଣ୍ଠଶିଳ୍ପୀ ଗଗନବିହାରୀ ସିଂହ, କ୍ଷୀରୋଦ କୁମାର ନାଥ, ନରହରୀ ସେଠୀ, ଶ୍ରୀଚରଣ ମଲ୍ଲିକ ଓ କାଳନ୍ଦି ଖୁଣ୍ଟିଆ ପ୍ରମୁଖ ଭଜନ ପରିବେଷଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ତବଲାରେ ମାଷ୍ଟର ଇନ୍ଦ୍ରମଣୀ ପଣ୍ଡା, ଭକ୍ତିରଞ୍ଜନ ପ୍ରଧାନ ଓ ଝାମାରେ ପ୍ରଫୁଲ୍ଲ ଚନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ। ପଲେଇ ପରିବାର ପକ୍ଷରୁ ପୁତ୍ର ଦିଲ୍ଲିପ କୁମାର ପଲେଇ ଓ ଦୀପକ କୁମାର ପଲେଇ ଶିଳ୍ପୀମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସରୋଜକାନ୍ତ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

ଶ୍ରଦ୍ଧାରୁ ଜ୍ଞାନ ମିଳିଥାଏ
ନମ୍ରତାରୁ ମାନ ମିଳିଥାଏ
ଏବଂ ନିଜ ଯୋଗ୍ୟତାରୁ ସ୍ଥାନ ମିଳିଥାଏ
ଆଉ ଯେତେବେଳେ ଏଇ ତିନୋଟି ଯାକ ମିଶିଯାଏ
ସେତେବେଳେ ମଣିଷକୁ ସମ୍ମାନ ମିଳିଥାଏ ।

# ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ !

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଓ ବିଶ୍ୱିବଦ୍ୟାଳୟ କେବଳ ପାଠପଢ଼ାର ସ୍ଥାନ ନୁହେଁ, ଏହା ଭବିଷ୍ୟତର ନାଗରିକ, ନେତା, ଶିକ୍ଷାବିତ୍, ପ୍ରଶାସକ, ବିଜ୍ଞାନୀ ଓ ସାମାଜିକ କର୍ମି ଗଢିବାର ପ୍ରଶିକ୍ଷଣ କ୍ଷେତ୍ର। ଶ୍ରେଣୀକକ୍ଷରେ ପାଠ୍ୟପୁସ୍ତକ ଜ୍ଞାନ ମିଳେ, କିନ୍ତୁ ଗଣତନ୍ତ୍ରର ପ୍ରୟୋଗିକ ଶିକ୍ଷା ମିଳେ ମତ ରଖିବା, ମତଭେଦକୁ ସମ୍ମାନ କରିବା, ଆଲୋଚନା କରିବା, ନେତୃତ୍ୱ ନେବା, ଦାୟିତ୍ୱ ପାଳନ କରିବା ଓ ନିର୍ବାଚନରେ ଅଂଶଗ୍ରହଣ କରିବା। ଏହି ଦୃଷ୍ଟିରୁ ଓଡିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପୁନର୍ବାର ହେବ କି ନାହିଁ, ଏହି ପ୍ରଶ୍ନ କେବଳ ଛାତ୍ର ରାଜନୀତିର ପ୍ରଶ୍ନ ନୁହେଁ, ଏହା ଛାତ୍ର ପ୍ରତିନିଧିତ୍ୱ, ଶିକ୍ଷା ପରିବେଶ, ଗଣତାନ୍ତ୍ରିକ ଅଭ୍ୟାସ ଓ ଯୁବ ନେତୃତ୍ୱ ଗଠନର ପ୍ରଶ୍ନ। ବର୍ତମାନର ପରିସ୍ଥିତି ଏହି ପ୍ରଶ୍ନକୁ ଆହୁରି ଗୁରୁତ୍ୱ ଦେଇଛି। ଓଡିଶାରେ ଶେଷ ନିୟମିତ ଛାତ୍ର ସଂସଦ ନିର୍ବାଚନ ୨୦୧୭ରେ ହୋଇଥିଲା। ୨୦୧୮ରେ ବାତ୍ୟା ତିତ୍‌ଲି ଓ କେତେକ ମହାବିଦ୍ୟାଳୟରେ ଅଶାନ୍ତି ପରିସ୍ଥିତି ଯୋଗୁଁ ନିର୍ବାଚନ ବାଧାପ୍ରାପ୍ତ ହୋଇଥିଲା। ପରବର୍ତୀ ସମୟରେ ଶାନ୍ତିପୂର୍ଣ୍ଣ ଶିକ୍ଷା ପରିବେଶ ରକ୍ଷାର ଯୁକ୍ତି ଦେଇ ନିର୍ବାଚନ ଆଉ ହୋଇନଥିଲା ଏବଂ ମହାମାରୀ ମଧ୍ୟ ଏହି ବିରତିକୁ ଦୀର୍ଘ କରିଥିଲା। ଫଳରେ ଆଜି ଛାତ୍ର ସମାଜ ପ୍ରାୟ ଏକ ଦଶନ୍ଧି ଧରି ନିୟମିତ ନିର୍ବାଚିତ ଛାତ୍ର ସଂସଦକୁ ବଂଚିତ। ଏହି ଦୀର୍ଘ ବିରତିର ସବୁଠାରୁ ବଡ ପ୍ରଶ୍ନ ହେଉଛି - ଛାତ୍ରଙ୍କ ସମସ୍ୟା କିଏ ଉଠାଇବ ? ଅନେକ ଶିକ୍ଷାନୁଷ୍ଠାନରେ ପ୍ରତିନିଧି ଚୟନ,ଶ୍ରେଣୀ ପ୍ରତିନିଧି, ସାଂସ୍କୃତିକ ସଂଗଠନ ଓ ଅନ୍ୟାନ୍ୟ ବ୍ୟବସ୍ଥା ରହିଛି।

୨୦୧୯ରେ ଉଚ୍ଚଶିକ୍ଷା ବିଭାଗ ଯେଉଁଠାରେ ଛାତ୍ର ପ୍ରତିନିଧିତ୍ୱ ଆବଶ୍ୟକ, ସେଠାରେ ମନୋନୀତ ପ୍ରତିନିଧି ବ୍ୟବସ୍ଥାର ସୁଯୋଗ ଦେଇଥିଲା। କିନ୍ତୁ ନିର୍ବାଚିତ ପ୍ରତିନିଧି ଓ ମନୋନୀତ ପ୍ରତିନିଧିଙ୍କ ଦାୟିତ୍ୱବୋଧରେ ପାର୍ଥକ୍ୟ ରହିପାରେ। ନିର୍ବାଚିତ ପ୍ରତିନିଧି ସିଧାସଳଖ ଛାତ୍ରଙ୍କ ଭୋଟରୁ ମଣ୍ଡେଟ୍ ପାଆନ୍ତି, ତେଣୁ ତାଙ୍କ ପ୍ରତି ଛାତ୍ରଙ୍କ ଆଶା ଓ ଜବାବଦେହିତା ଅଧିକ ସ୍ପଷ୍ଟ ହୁଏ। ଏହି କାରଣରୁ ଛାତ୍ର ସଂସଦ ନିର୍ବାଚନର ଦାବି କେବଳ ପଦପଦବୀ ପାଇଁ ନୁହେଁ, ପ୍ରତିନିଧିତ୍ୱ ପାଇଁ ମଧ୍ୟ। ଛାତ୍ର ସଂସଦର ଥିଲେ ମହାବିଦ୍ୟାଳୟର ପାଠପଢା ସହିତ ଜଡ଼ିତ ଅନେକ ସମସ୍ୟା ନିୟମିତ ଭାବେ ପ୍ରଶାସନ ସମ୍ମୁଖରେ ରଖାଯାଇପାରେ। ଅଧାପକ ପଦ ଖାଲି ରହିବା, ଛାତ୍ରାବାସର ଅଭାବ, ଖାଦ୍ୟର ଗୁଣ, ପାଠାଗାର, ପରୀକ୍ଷା, ଶୌଚାଳୟ, ପାନୀୟଜଳ, କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ, ଛାତ୍ରବୃତି, ଯାତାୟତ ଓ ନିଯୁକ୍ତିମୁଖୀ ପ୍ରଶିକ୍ଷଣ ଭଳି ଅନେକ ବିଷୟରେ ସଂଗଠିତ ଭାବେ ଆଲୋଚନା ହୋଇପାରେ। ଛାତ୍ରମାନଙ୍କ ପକ୍ଷରୁ ଏପରି ସମସ୍ୟାର ଉଠାଇବାର ଏକ ସଂଗଠିତ ମଂଚ ଥିବା ଶିକ୍ଷା ପ୍ରଶାସନ ପାଇଁ ମଧ୍ୟ ଉପଯୋଗୀ ହୋଇପାରେ। ସେହିପରି ନିର୍ବାଚନ ଛାତ୍ରମାନଙ୍କୁ ଭାଷଣ, ଆଲୋଚନା, ମତବିନିମୟ, ସମଝୋତା ଓ ସଂଗଠନ ପରିଚାଳନାର ପ୍ରାୟୋଗିଗ ଅଭିଜ୍ଞତା ଦେଇପାରେ। କିନ୍ତୁ ଏଠି ଏକ ବଡ ସର୍ତ ରହିଛି- ନିର୍ବାଚନ ଶିକ୍ଷାର ପରିବେଶକୁ ନଷ୍ଟ କରିବାର କାରଣ ହେବା ଉଚିତ ନୁହେଁ। ଅତୀତର କେତେକ ଶିକ୍ଷାନୁଷ୍ଠାନରେ ନିର୍ବାଚନ ସହିତ ଜଡିତ ଅଶାନ୍ତି ଓ ହିଂସାର ଘଟଣା ନେଇ ଚିନ୍ତା ପ୍ରକାଶ ପାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ଅନ୍ୟ କେତେକ ପ୍ରତିଷ୍ଠାନରେ ନିର୍ବାଚନକାଳୀନ ଅଶାନ୍ତି ନେଇ ଚର୍ଚ୍ଚା ହୋଇଛି। ଏହି ଅଭିଜ୍ଞତାକୁ ଅଣଦେଖା କରି କେବଳ ନିର୍ବାଚନ ଆୟୋଜନ କଲେ ହେବ ନାହିଁ, ଶୃଙ୍ଖଳା, ସୁରକ୍ଷା ଓ ଶିକ୍ଷା ପରିବେଶ ରକ୍ଷା ପାଇଁ ସ୍ପଷ୍ଟ ନିୟମ ମଧ୍ୟ ଆବଶ୍ୟକ। ଆଉ ଏକ ପ୍ରଶ୍ନ ହେଉଛି ବାହ୍ୟ ରାଜନୈତିକ ହସ୍ତକ୍ଷେପ। ଛାତ୍ର ରାଜନୀତି ଗଣତନ୍ତ୍ରର ଅଂଶ ହୋଇପାରେ, କିନ୍ତୁ ଛାତ୍ରଙ୍କ ଶିକ୍ଷାଗତ ସ୍ୱାର୍ଥ ଯଦି ଯଦି ଦଳୀୟ ସ୍ୱାର୍ଥ ତଳେ ଚାପିଯାଏ, ତେବେ ନିର୍ବାଚନର ମୂଳ ଉଦ୍ଦେଶ୍ୟ ଦୁର୍ବଳ ହେବ। ବିଦ୍ୟାଳୟ ହେଉଛି ଯୁବମାନଙ୍କ ଚିନ୍ତା, ଜ୍ଞାନ ଓ ନେତୃତ୍ୱ ବିକାଶର ସ୍ଥାନ। ଏଠାରେ ମତାଦର୍ଶର ଆଲୋଚନା ହୋଇପାରେ, କିନ୍ତୁ ବାହାରୁ ଅନାବଶ୍ୟକ ଚାପ, ଅର୍ଥବଳ, ଭୟ କିମ୍ବା ହିଂସା ପ୍ରବେଶ କଲେ ଛାତ୍ର ନିର୍ବାଚନର ଗଣତାନ୍ତ୍ରୀକ ମୂଲ୍ୟ ହ୍ରାସ ପାଇବ। ତେଣୁ ଯଦି ନିର୍ବାଚନ ପୁନର୍ବାର ହୁଏ, ତେବେ ଏହାକୁ ଛାତ୍ରକେନ୍ଦ୍ରିକ ରଖିବା ସବୁଠାରୁ ଜରୁରୀ।

୨୦୨୬ ସେପ୍ଟେମ୍ବରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭାଗଠାରୁ ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ର ସଂସଦ ନିର୍ବାଚନ କରାଇବା ସମ୍ପର୍କରେ ସୁପାରିଶ ମାଗିଥିବା ଏବଂ ବିଭାଗ ନିର୍ବାଚନ ପାଇଁ ପ୍ରସ୍ତୁତ ଥିବା କଥା କହିଥିଲେ। କିନ୍ତୁ ସେ କୌଣସି ନିର୍ଦ୍ଦିଷ୍ଟ ସମୟସୂଚୀ ଘୋଷଣା କରିନଥିଲେ। ତେଣୁ ବର୍ତମାନର ସ୍ଥିତିକୁ 'ନିର୍ବାଚନ ହେବା ନିଶ୍ଚିତ' ବୋଲି ନୁହେଁ, ବରଂ ସରକାରୀ ସ୍ତରରେ ପୁନର୍ବିଚାର ଓ ପ୍ରସ୍ତୁତି ଚାଲିଥିବା ପର୍ଯ୍ୟାୟ ବୋଲି ବୁଝିବା ଉଚିତ। ଛାତ୍ର ସଂସଦ ନିର୍ବାଚନ ଯଦି ଫେରେ, ତେବେ ଏହା ନାରା, ଶକ୍ତି ପ୍ରଦର୍ଶନ କିମ୍ବା ବାହ୍ୟ ରାଜନୀତିର ମଂଚ ନହୋଇ ଛାତ୍ର ସମସ୍ୟାର ସମାଧାନ, ନେତୃତ୍ୱ ବିକାଶ ଓ ଗଣତନ୍ତ୍ରର ପ୍ରାୟୋଗିକ ପାଠଶାଳା ହେବା ଦରକାର। କିନ୍ତୁ ତାହାର ସଫଳତା ଭୋଟ ହେବାରେ ନୁହେଁ, ଭୋଟ ପରେ ଶିକ୍ଷାନୁଷ୍ଠାନ ଆହୁରି ଶୃଙ୍ଖଳିତ, ଛାତ୍ରକେନ୍ଦ୍ରିକ ଓ ଜବାବଦେହି ହେବାରେ ମାପିବାକୁ ହେବ। ମହାବିଦ୍ୟାଳୟ ହେଉଛି ଭବିଷ୍ୟତ ଓଡ଼ିଶାର ନେତୃତ୍ୱ ଗଢିବାର କାରଖାନା। ଏଠାରେ ଯଦି ଗଣତନ୍ତ୍ର ଶୃଙ୍ଖଳା, ଆଲୋଚନା, ସମ୍ମାନ ଓ ଦାୟିତ୍ୱ ସହିତ ଶିଖାଯାଏ, ତେବେ ତାହାର ପ୍ରଭାବ କେବଳ ଏକ ମହାବିଦ୍ୟାଳୟରେ ସୀମିତ ରହିବ ନାହିଁ, ଆଗାମୀ ଓଡ଼ିଶାର ସାମାଜିକ ଓ ଗଣତାନ୍ତ୍ରିକ ଜୀବନରେ ତାହାର ପ୍ରତିଫଳନ ଦେଖାଯିବ। ତେଣୁ ଛାତ୍ର ସଂସଦ ନିର୍ବାଚନର ପ୍ରଶ୍ନକୁ କେବଳ ନିର୍ବାଚନ ହେବ କି ନାହିଁ ବୋଲି ନଦେଖି କିପରି ହେଲେ ଛାତ୍ର, ଶିକ୍ଷା ଓ ଗଣତନ୍ତ୍ର-ତିନୋଟିର ହିତ ସୁରକ୍ଷିତ ହେବ ବୋଲି ଦେଖିବାର ସମୟ ଆସିଛି।

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ଶିଶୁପାଳଗଡ, ମୋ-୯୪୩୭୯୯୪୩୭୯

# ପିତୃପର୍ବ ଓ ପିଣ୍ଡଦାନ

ଭାରତୀୟ ପରମ୍ପରାରେ ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ଏକାଧିକ ଶ୍ରାଦ୍ଧାନୁଷ୍ଠାନ କରାଯାଏ। ସେଗୁଡ଼ିକ ମଧ୍ୟରେ ମହାଳୟା ଶ୍ରାଦ୍ଧ ଶ୍ରେଷ୍ଠ। ମହାଳୟା ସର୍ବଭାରତୀୟ ପର୍ବ। ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହାକୁ ପିତୃପର୍ବ କୁହାଯାଏ। ଭାଦ୍ରବ ମାସ କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ପରବର୍ତ୍ତୀ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନ ହେଉଛି ପିତୃପକ୍ଷ। ଚତୁର୍ଦ୍ଦଶୀ



ପର୍ଯ୍ୟନ୍ତ ତର୍ପଣ କଲା ପରେ ଅମାବାସ୍ୟା ଦିନ ପିଣ୍ଡ ଦାନ କରାଯାଏ। ସୂର୍ଯ୍ୟ କନ୍ୟା ରାଶିରେ ଥିବାବେଳେ ଯେଉଁ ଅମାବାସ୍ୟା ପଡେ ତାହା ମହାଳୟା ଅମାବାସ୍ୟା। ମହାଳୟା। ଅମାବାସ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧର ବିଭିନ୍ନ ନାମ ମହାଳୟା ଶ୍ରାଦ୍ଧ, ସାମ୍ବତ୍ସରିକ ଶ୍ରାଦ୍ଧ, ପାର୍ବଣ ଶ୍ରାଦ୍ଧ, ମଉଳା ଶ୍ରାଦ୍ଧ। ପିତୃ ପକ୍ଷରେ ଯେ କୌଣସି ଦିନ ନିଜର ସାଧ ମତେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ବ୍ରାହ୍ମଣ ଭୋଜନ ଦିଆଯାଏ। ତାହା ଦ୍ୱାରା ପୁଣ୍ୟ ଲାଭ ଏବଂ ବଂଶର ଉତ୍ତର ପିଢ଼ିର ସମସ୍ତ ପ୍ରକାର ଉନ୍ନତି ହେଉଥିବା ହିନ୍ଦୁ ବିଶ୍ୱାସ। ପୁରାଣ ଅନୁଯାୟୀ, ମହାଦାନୀ କର୍ଣ୍ଣଙ୍କର ମୃତ୍ୟୁ ପରେ, ତାଙ୍କ ଦାତାପଣିଆର ପୁରସ୍କାର ସ୍ୱରୂପ ଯମପୁରରେ ତାଙ୍କୁ ସୁନା, ରୂପା ମିଳିଲା, କିନ୍ତୁ କିଛି ଖାଦ୍ୟ ଦିଆଗଲା ନାହିଁ। କାରଣ ଜୀବିତାବସ୍ଥାରେ ସେ କେବେ କୌଣସି ବ୍ୟକ୍ତିଙ୍କୁ ଅନ୍ନଦାନ ଦେଇ ନଥିଲେ। ସେ ଚିନ୍ତିତ ହୋଇ ଯମରାଜଙ୍କୁ ପ୍ରାର୍ଥନା କରିବାରୁ ତାଙ୍କୁ ଚଉଦ ଦିନ ପାଇଁ ମର୍ତ୍ତ୍ୟମଣ୍ଡଳକୁ ପଠାଯାଇଥିଲା। ସେହି ଚଉଦ ଦିନ ମଧ୍ୟରେ ସେ ବ୍ରାହ୍ମଣ ତଥା ଗରିବଙ୍କୁ ଅନ୍ନଦାନ ଦେଇଥିଲେ। ଫଳସ୍ୱରୂପ ତାଙ୍କୁ ଆଉ ଯମପୁରରେ ଅନ୍ନରୁ ବଞ୍ଚିତ ହେବାକୁ ପଡ଼ିନଥିଲା। ମର୍ତ୍ତ୍ୟଲୋକରେ କର୍ଣ୍ଣ କଟାଇଥିବା ସେହି ଚଉଦ ଦିନ ପିତୃପକ୍ଷ ଥିଲା।

ଗୋପୀନାଥ ଦାଶ
ଝାରସୁଗୁଡ଼ା, ଦୂରଭାଷ : ୮୮୯୫୨୯୬୧୬୭

# ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ-ମହାତ୍ମା ଗାନ୍ଧୀ

ଅକ୍ଷୟ କୁମାର ରାଉତ

ପୁଣ୍ୟ ଭୂମି ଭାରତ। ଏଠାରେ ଅନେକଧର୍ମ,ସମ୍ପ୍ରଦାୟ, ଜାତି, ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି। ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜଳ ଜ୍ୟୋତିଷ୍କ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି, ଦୟା, କ୍ଷମା, ତ୍ୟାଗ ଓ ଅହିଂସାର ପଥ। ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା ମୋହନ ଦାସ କରମଚାନ୍ଦ ଗାନ୍ଧି। ପିତା କରମଚାନ୍ଦ(କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍‌ଲୀବାଇ। କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍‌ଲୀବାଇ ଥିଲେ ଚତୁର୍ଥ ସ୍ତ୍ରୀ । ପୁତ୍‌ଲୀବାଇଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ । କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ। ପୁତ୍‌ଲୀବାଇ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା। ପିତାମାତାଙ୍କର ଏହି ସବୁ ସଦ୍‌ଗୁଣା ବଳି ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ। ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ। ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀର ଠାରୁ କୁମାରୀକାଯାଏ ଭାରତୀୟ ମାନଙ୍କୁ ଏକତ୍ରୀତ କରିପାରିଥିଲେ। ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ। ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତନ ଘଟିଲା। ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱା ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତି ପାଇଲେ। ଭାବନଗରସ୍ଥ ସାମଲ ଦାସ କଲେଜରେ ନାମ ଲେଖାଇଲେ। ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟକଲେ। ପାଠପଢି ପାସ୍ କଲେ ମଧ୍ୟ ଚାକିରି ମିଳି ବା କଷ୍ଟ । ତେଣୁ ସେ ଲଣ୍ଡନ ଯାଇ ତିନି ବର୍ଷରେ ବାରିଷ୍ଟରୀ ପାସ୍ କରିଆସିଲେ ଭଲ ଦି ପଇସା ରୋଜଗାର କରିପାରିବେ। ଗାନ୍ଧି ପରିବାରର ଜଣେ ଦିଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥାନ୍ତି। ତେଣୁ ଗାନ୍ଧି ଲଣ୍ଡନରେ ରହି ପାଠ ପଢିବା ପାଇଁ ମନ ବଳାଇଲେ। ପୁଅର ଲଣ୍ଡନ ଯିବାକଥାଟା ମା'ମନକୁ ପାଇଲା ନାହିଁ। ପରିଶେଷରେ ମାଆ ଗାନ୍ଧିଙ୍କୁ ମୁଣ୍ଡ ଛୁଆଁ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ, ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁ ବୁ ନାହିଁ।

୧୮୯୬ ମସିହାରେ ଗାନ୍ଧି ଭାରତକୁ ଫେରିଆସି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁଃଖ ଦୁର୍ଦ୍ଦଶାକୁ ଏକ ପୁସ୍ତକ ମାଧ୍ୟମରେ ଲେଖିନ୍ତି ଏବଂ ଏହାର ଦଶ ହଜାର କପି ଛାପି ସବୁଆଡ଼କୁ ପଠାଇଲେ। ଲଣ୍ଡନରେ ଇଂରେଜ ସରକାର ଓ ଅଧିକାଂଶ ଭାରତୀୟ ଜାଣିଲେ। ଗାନ୍ଧିଙ୍କ ପାଇଁ ସଭା ସମିତି ଚାରିଆଡ଼େ ଆୟୋଜନ ହେଲା। କିନ୍ତୁ କଲିକତାରେ ସଭା କରାଇବା ଆଗରୁ ଦକ୍ଷିଣ ଆଫ୍ରିକାର ଟେଲିଗ୍ରାମ ପାଇଁ ଗାନ୍ଧି, ସ୍ତ୍ରୀ, ଦୁଇପୁଅ ଓ ଜଣେ ଭଣଜାକୁ ଧରି ଅବଦୁଲାଙ୍କ ଜାହାଜରେ ଡ଼ର୍ବାନ ଅଭିମୁଖେ ଯାତ୍ରା କଲେ। ମାତ୍ର ଡ଼ର୍ବାନରେ କିଛି ଖଳପ୍ରକୃତିର ଗୋରା ମାନେ ପ୍ରଚାର କରିଦେଲେ ଯେ ଗାନ୍ଧି ଦୁଇଟି ଜାହାଜରେ ଭାରତୀୟ ଗୁଣ୍ଡା ମାନଙ୍କୁ ଧରି ଇଂରେଜମାନଙ୍କୁ ମାରିବା ପାଇଁ ଆସୁଛନ୍ତି। ଜାହାଜକୁ ବନ୍ଦର ମଧ୍ୟକୁ ପ୍ରବେଶ କରାଇ ଦେଲେ ନାହିଁ। ୨୩ ଦିନପରେ ଇଂରେଜମାନେ ଜାଣିଲେ ଯେ ଜାହାଜରେ କେହି ଗୁଣ୍ଡା ନାହାଁନ୍ତି, ତାପରେ ଅନୁମତି ମିଳିଲା। ଲଫଟନ ସାହେବ ଏକ ଗାଡ଼ିରେ କସ୍ତୁରବା ଓ ପିଲାମାନଙ୍କୁ ଜଣେ ବନ୍ଧୁଙ୍କ ଘରକୁ ପଠାଇ ଦେଲେ। ନିଜେ ଓ ଗାନ୍ଧି ଚାଲି ଚାଲି ରାସ୍ତାରେ ବନ୍ଧୁଙ୍କ ଘରକୁ ଯିବା ସମୟରେ କିଛି ଇଂରେଜ ଗୁଣ୍ଡା ଲୋକ ଗାନ୍ଧିଙ୍କୁ ନିର୍ଦ୍ଦୟ ଭାବରେ ପିଟି ଚାଲିଥାନ୍ତି। ସେହି ରାସ୍ତା ଦେଇ ଏସ୍.ପି ଙ୍କ ସ୍ତ୍ରୀ ଯାଉଥିବାରୁ ଗୁଣ୍ଡାମାନେ ଦେଖି ଗାନ୍ଧିଙ୍କୁ ଛାଡ଼ି ପଳାଇଲେ। ପୋଲିସ ଆସି ଗାନ୍ଧିଙ୍କୁ ନେଇ ତାଙ୍କ ବନ୍ଧୁଙ୍କ ଘରେ ଛାଡ଼ି ଦେଇଥିଲେ। ଏହି ଖବର ଲଣ୍ଡନରେ ପହଂଚିଲା। ବ୍ରିଟିଶ ସରକାରଙ୍କ ପାଖରୁ, ନାଟାଲ ସରକାରଙ୍କ ପାଖକୁ ନିର୍ଦ୍ଦେଶ ଆସିଲା। ଦୋଷୀମାନଙ୍କୁ କଠୋର ଦଣ୍ଡ ଦିଅନ୍ତୁ। କିନ୍ତୁ ଗାନ୍ଧି ସମସ୍ତଙ୍କୁ କ୍ଷମା କରିଦେଲେ।



ଗାନ୍ଧିଙ୍କର ମୌଳିକନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ଓକିଲ ବଲ୍ଲଭ ଭାଇ ପଟେଲ ବିବାହ କଲେ ନାହିଁ। ପଟେଲ ଗାନ୍ଧିଙ୍କ ସହିତ ଶ୍ରମିକ ଧର୍ମଘଟ ଓ କୃଷକ ଆନ୍ଦୋଳନରେ ଯୋଗ ଦେଲେ। ସେହି ପରି ମହାଦେବ ଦେଶାଇ ନାମରେ ଜଣେ ଯୁବକ ଗାନ୍ଧିଙ୍କର ବିଶ୍ୱସ୍ତ ସେକ୍ରେଟେରୀ ଭାବରେ ଆଜୀବନ ରହିଲେ। ଗାନ୍ଧି ବିହାରର ଚମ୍ପାରଣ ଠାରେ ଇଂରେଜ ଜମିଦାର ମାନଙ୍କର ଚାଷୀମାନଙ୍କ ଉପରେ ହେଉଥିବା ଅକଥନିୟ ଅତ୍ୟାଚାର ଅନୁଭବ କଲେ। ଜମିଦାର ମାନଙ୍କ ସହିତ ଚୁକ୍ତି କରି ଅସହାୟ ଚାଷୀମାନଙ୍କ ଦୁଃଖ ଦୂରକଲେ।

୧୯୧୯ ଏପ୍ରିଲ ୧୩ରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡରେ ଗାନ୍ଧି ମର୍ମାହତ ହୋଇପଡ଼ିଲେ। ଇଂରେଜ ସରକାରଙ୍କର ଏତାଦୃଶ ନୀତିରେ ବ୍ୟଥିତ ହୋଇ, ଏ ଦେଶରୁ ସେମାନଙ୍କୁ ବିତାଡ଼ିତ କରିବା ପାଇଁ ଭାରତୀୟମାନଙ୍କୁ ସତ୍ୟାଗ୍ରହ ମଧ୍ୟରେ ନୂଆ ଉପାୟ ଚିନ୍ତା କଲେ। ମୁସଲମାନଙ୍କ ହୃଦୟରେ ସତ୍ୟାଗ୍ରହ ପାଇଁ ଅନୁରାଗ ନଥିବାରୁ ଗାନ୍ଧି ୧୯୨୦ ଜୁଲାଇ

## ଗାନ୍ଧୀ ଜୟନ୍ତୀ ଅବସରରେ

୩୦ରୁ ଅସହଯୋଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ। ବହୁ ଭାରତୀୟ ଚାକିରି ଛାଡ଼ିଲେ। ମୋତିଲାଲ ନେହେରୁ ଦେଶବନ୍ଧୁ ଚିତରଞ୍ଜନ ଓକିଲାତି ଛାଡ଼ିଲେ। ରବୀନ୍ଦ୍ରନାଥ ତାଙ୍କର ନାଇଟିଉପାଧି, ଗାନ୍ଧି ତାଙ୍କର ଯୁଦ୍ଧ ପଦକ ଫେରାଇ ଦେଲେ। କଂଗ୍ରେସ ନେତାମାନେ ଖଦଡ଼ ପିନ୍ଧିଲେ, ଗାନ୍ଧି ସୂତା ବୁଣା ଛୋଟ ଲୁଗା ପିନ୍ଧିଲେ। କୁଟିଖାଅ, କାଟି ପିନ୍ଧ ନୀତିରେ ଚାଲିଲେ। ସବୁ ବଡ଼ ବଡ଼ ନେତା ଗିରଫ ହେଲେ। ୧୯୨୨ ମାର୍ଚ୍ଚରେ ଗାନ୍ଧି ଗିରଫ ହୋଇ ଛଅବର୍ଷ ଜେଲ ଦଣ୍ଡ ଭୋଗକଲେ। ଗାନ୍ଧିଙ୍କ ଦେହ ଅସୁସ୍ଥ ହେବାରୁ ସେ ଛଅ ବର୍ଷ ଜେଲଦଣ୍ଡ ବଦଳରେ ୨ ବର୍ଷ ଭୋଗ କଲେ। ୧୯୨୯ ମସିହାରେ ଲାହୋର ଠାରେ କଂଗ୍ରେସର ଅଧିବେଶନରେ ନିଷ୍ପତି ନିଆଗଲା ଯେ ୧୯୩୦ ମସିହା ଜାନୁୟାରୀ ୨୬କୁ ସମଗ୍ର ଭାରତ ସ୍ୱାଧୀନତା ଦିବସ ପାଳନ କରିବ। ଏହି ଦିନ ସମଗ୍ର ଭାରତରେ ଏକ ନୂତନ ଜାଗରଣ ଦେଖାଦେଲା। ଗାନ୍ଧି ଲବଣ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ସରକାରଙ୍କ ନିୟମ ଭଙ୍ଗ କରି ଦାଣ୍ଡୀରେ ଗାନ୍ଧି ଲୁଣ ମରା କାର୍ଯ୍ୟ କଲେ। ଏହି ଖବର ଗାଁ ଠାରୁ ସହର ଯାଏ ବ୍ୟାପିଗଲା। ସମସ୍ତେ ଲୁଣ ମାରିବା ଆରମ୍ଭ କରିଦେଲେ। ଲକ୍ଷାଧିକ ଲୋକ ଓ ଗାନ୍ଧି ଗିରଫ ହେଲେ। କଂଗ୍ରେସ ପୂର୍ଣ୍ଣ ସ୍ୱାଧୀନତା ପାଇଁ ଲଢେଇ ଆରମ୍ଭ କରିଦେଲା। ଗୋଲ ଟେବୁଲ ବୈଠକ ପରେ ଗାନ୍ଧିଙ୍କୁ ଗିରଫ କରାଗଲା। ଜେଲରେ ଥିବା ସମୟରେ ଇଂରେଜ ସରକାର ହରିଜନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କରିବାକୁ ନିଷ୍ପତି ନେଲେ। ଗାନ୍ଧି ଏହି ନୀତିକି ବିରୋଧ କରି ଅନଶନ କଲେ। ସରକାର ହରିଜନ ନୀତିର ପରିବର୍ତ୍ତନ କଲେ । ଛୁଆଁ ଅଛୁଆଁ ଭେଦଭାବ ସମାଜରୁ କେତେକା ଅଂଶରେ ଉଠିଲା। ବହୁ ମନ୍ଦିରରେ ହରିଜନମାନେ ପ୍ରବେଶ କଲେ। ଗାନ୍ଧି ଅନଶନ ଭାଙ୍ଗିଲେ। ୧୯୪୨ରେ କଂଗ୍ରେସର ଭାରତ ଛାଡ଼ ଆନ୍ଦୋଳନ ଯୋଗୁ ସମଗ୍ର ଦେଶରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ହିଂସାକାଣ୍ଡ ଆରମ୍ଭ ହୋଇଗଲା। ସୁବାଷ ବୋଷ ରେଙ୍ଗୁନ ରେଡ଼ିଓରୁ ଘୋଷଣା କଲେ ଯେ ଗାନ୍ଧିଜୀ ହେଉଛନ୍ତି 'ଜାତିର ଜନକ ବିଂଶ ଶତାବ୍ଦୀର ବିସ୍ମୟ ମହାନାୟକ'। ଇଂରେଜ ସରକାର ଜିନ୍ନାଙ୍କ ମାଧ୍ୟମରେ ଭାରତକୁ ଦୁଇଭାଗ କରିବାକୁ ଚକ୍ରାନ୍ତ କଲେ। ହିନ୍ଦୁ, ମୁସଲମାନଙ୍କ ହଣା କଟା ଚାଲିଲା। ଜିନ୍ନାଙ୍କର କ୍ଷମତା ଲୋଭ କଂଗ୍ରେସ ନେତାଙ୍କର ଉଦାସୀନତା, ଗାନ୍ଧିଙ୍କର ଅସହାୟତା ପାଇଁ ଅଖଣ୍ଡ ଭାରତ ଦୁଇ ଭାଗ ହୋଇଗଲା। ପ୍ରବଳ ହିଂସା, ରକ୍ତପାତ ମଧ୍ୟରେ ପାକିସ୍ଥାନକୁ ସ୍ୱାଧୀନତା ଅଗଷ୍ଟ ୧୪ ତାରିଖରେ ଦିଆଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭକଲା।

ଭାରତର ପଣ୍ଡିତ ନେହେରୁ ଓ ପାକିସ୍ଥାନର ଜିନ୍ନା ହେଲେ ମୁଖ୍ୟ କର୍ଣ୍ଣଧାର। କଠୋର ପନ୍ଥୀ ହିନ୍ଦୁମାନେ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କଲେ। ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଗାନ୍ଧି ପ୍ରାର୍ଥନା ସଭାକୁ ଆସିବା ମାତ୍ରେ ନାଥୁରାମ ତାଙ୍କୁ ଗୁଳିକଲେ। 'ହା' ରାମ କହି ଜାତିର ଜନକ ମହାତ୍ମା ବାପୁ ଟଳିପଡ଼ିଲେ। ଚାରି ଆଡ଼େ ଶୋକର ଛାୟା ଖେଳିଗଲା। ସମଗ୍ର ପୃଥିବୀରୁ ହଠାତ୍ ଅହିଂସାର ଆଲୋକ ନିର୍ବାପିତ ହୋଇଗଲା। ସ୍ୱାଧୀନ ଭାରତ ଏକ ଅନ୍ଧକାରମୟ ଗର୍ତକୁ ଠେଲି ହୋଇଗଲା। ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ, ବିସ୍ମୟ ମହାମାନବ ମହାତ୍ମାଗାନ୍ଧି ଚିରଦିନ ପାଇଁ ଧରା ପୃଷ୍ଟରେ ଅମର ହୋଇରହିଗଲେ।

ପାରାଦ୍ୱୀପଗଡ଼,
କୁଜଙ୍ଗ,ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ଇତିହାସର ଇତିହାସ

ଗୋପାଳ ମହାପାତ୍ର

ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଜୀବିତ ଥିଲେ ତାଙ୍କୁ ଏବେ ୧୫୭ ବର୍ଷ ହୋଇଥାନ୍ତା। କୃତଜ୍ଞ ରାଷ୍ଟ୍ର ତାଙ୍କର ପୂଣ୍ୟତିଥି ପାଳନ କରିଛି। ଗାନ୍ଧୀଙ୍କୁ ଦେଶବାସୀ ମନେ ପକାଉଛନ୍ତି। ଗାନ୍ଧୀଙ୍କ ବିଶେଷତ୍ୱ ଥିଲା ଯେ ସେ ବିଶ୍ୱ ଇତିହାସରେ ହସ୍ତକ୍ଷେପ କରିଥିଲେ ଓ କାଳର ଅଖଣ୍ଡ ସତ୍ତାକୁ ପ୍ରଭାବିତ କରି ପାରିଥିଲେ। କାଳ (ସମୟ) ହେଉଛି ଅଖଣ୍ଡ ସତ୍ତା। ସବୁ ଘଟଣା ସମୟର ଅବଧି ମଧ୍ୟରେ ହୋଇଥାଏ। ଅର୍ଥବବେଦ (୧୯-୫୩-୫୪)ରେ ମହର୍ଷି ଭୃଗୁ କହିଛନ୍ତି 'କାଳ- ଅଶ୍ୱବିଶ୍ୱ-ରଥର ସମ୍ବାହକ ଅଟେ। କାଳ ହିଁ ପିତା ଓ ସେ ହିଁ ଆଗକୁ ପୁତ୍ର ହୋଇଥାଏ। କାଳରେ ପ୍ରାଣ, ମନ, ସବୁ ନାମ ରହିଛି। କାଳର ଅନୁକୂଳତା ହିଁ ଆନନ୍ଦ ଅଟେ। କାଳ ସ୍ୱୟଂଭୁ ଅଟେ। କାଳ ଦ୍ୱାରା ହିଁ ଭୂତ ଏବଂ ଭବିଷ୍ୟ ସୃଷ୍ଟି ହୁଏ। ସମୟକୁ ଧରିହୁଏ ନାହିଁ। ଘଟଣା ସବୁ ଘଟିଥାଏ, ଘଟଣା ଅତୀତ ଅଟେ। ଅତୀତର ଘଟଣା ସବୁର ଯଥାତଥ୍ୟ ସଂକଳନ ଇତିହାସ ଅଟେ। ପ୍ରାଚୀନ ରାଷ୍ଟ୍ରର କୋଟି କୋଟି ଘଟଣା ରହିଛି। ଭାରତ ଏମିତି ଏକ ରାଷ୍ଟ୍ର ଅଟେ। ମୂଳ ପ୍ରଶ୍ନ ହେଉଛି ଯେ ଘଟଣାର ସଙ୍କଳନ ରେ ସଙ୍କଳନକର୍ତ୍ତାଙ୍କ ରଚି କ'ଣ ଥିଲା ? ରଚି କ'ଣ ? ଅନେକ ବିଦ୍ୱାନ ଯୁଦ୍ଧ ପ୍ରିୟ ହୋଇଥାନ୍ତି। ସେମାନେ ଯୁଦ୍ଧର ଇତିବୃତି ସଙ୍କଳିତ କରିଥାନ୍ତି। ଅନେକ ବିଦ୍ୱାନ ପ୍ରକୃତିପ୍ରେମୀ ଓ ସେମାନେ ପ୍ରାକୃତିକ ପରିବର୍ତ୍ତନକୁ ଇତିବୃତର ବିଷୟ କରିଥାନ୍ତି। ମାର୍କ୍ସବାଦୀ ବିଚାରଧାରାର ବିଦ୍ୱାନ ଉତ୍ପାଦନ ପଦ୍ଧତି ବିବରଣିକୁ ସଙ୍କଳିତ କରିଥାନ୍ତି। ଇତିହାସ ଅତୀତର ଦର୍ପଣ ଅଟେ କିନ୍ତୁ ଇତିହାସ ଲିଖନ ବା ସଙ୍କଳନର କୌଣସି ଶୈଳୀ ପ୍ରାଚୀନ ସମାଜ ବା ରାଷ୍ଟ୍ରର ସଂପୁର୍ଣ୍ଣ ବିବରଣୀ ହୋଇନପାରେ। ଯେମିତି ସମୁଦ୍ରର ଲହରୀର ଗଣନା ଅସମ୍ଭବ ସେହିଭଳି ଇତିହାସର ସଂକଳନ କାର୍ଯ୍ୟ ମଧ୍ୟ ଅତି ଜଟିଳ ଅଟେ। ଏଣୁ ଇତିହାସର ରପ ସ୍ୱରୂପ ଏବଂ ଇତିହାସ ଖୋଜିବା ଅତି କଠିନ କାର୍ଯ୍ୟ ଅଟେ।

ଭାରତରେ ଏବେ ଇତିହାସକୁ ନେଇ ବିମର୍ଷ ଚାଲିଛି। ୟୁରୋପୀୟ ବିଦ୍ୱାନ ମାନେ ଭାରତର ଇତିହାସ ଲିଖନ ବେଳେ ପ୍ରକୃତ ତଥ୍ୟକୁ ଉପେକ୍ଷା କରିଛନ୍ତି ବୋଲି ଅଭିଯୋଗ ହେଉଛି। ମାକ୍ସମୁଲର ଲେଖିଛନ୍ତି 'ହିନ୍ଦୁ ଦାର୍ଶନିକ ମାନଙ୍କର ଏକ ଜାତି ଥିଲା। ସେମାନଙ୍କ ବିଚାରର ସଂଘର୍ଷ ଥିଲା। ସେମାନଙ୍କ ଅତୀତ ସୃଷ୍ଟିର ସମସ୍ୟା ଥିଲା, ସେମାନଙ୍କ ଭବିଷ୍ୟ ଅସ୍ତିତ୍ୱର ପ୍ରଶ୍ନ ଥିଲା। ଏକଥା ସତ୍ୟ ଯେ ବିଶ୍ୱର ରାଜନୈତିକ ଇତିହାସରେ ଭାରତର କୌଣସି ସ୍ଥାନ ନାହିଁ।'ମାକ୍ସମୁଲର ବୈଦିକ ଏବଂ ପୌରାଣିକ ସହିତ ପ୍ରାଚୀନ ଇତିହାସରେ ରାଜ୍ୟ ବ୍ୟବସ୍ଥାକୁ ଏଡ଼ାଇ ଯାଇଛନ୍ତି। ଏଲଫିନ୍‌ସ୍ଟନଙ୍କୁ ସିକନ୍ଦରଙ୍କ ଆକ୍ରମଣର ପୂର୍ବରୁ କୌଣସି ଘଟଣାର ନିଶ୍ଚିତ ସମୟ ଦେଖାଯାଇ ନାହିଁ। ୧୮୩୯ରେ ଏଲଫିନ୍‌ସ୍ଟନ ଲେଖିଛନ୍ତି ଯେ 'ଭାରତୀୟ ଇତିହାସରେ ସିକନ୍ଦରଙ୍କ ଆକ୍ରମଣ ପୂର୍ବରୁ କୌଣସି ତିଥି ବା ସମୟ ନିଶ୍ଚିତ କରାଯାଇ ପାରିବ ନାହିଁ। ବିଟରନିଟଜ ଭାରତର କାବ୍ୟ, ନାୟକତ୍ୱ ଏବଂ ଇତିହାସର ମିଶ୍ରଣକୁ ଦେଖିଛନ୍ତି। ଅଲବେରୁନିଙ୍କ ଅଭିଯୋଗ ମଧ୍ୟ କଠୋର। ସେ ଲେଖିଛନ୍ତି 'ହିନ୍ଦୁମାନେ ଘଟଣାର ଐତିହାସିକ କ୍ରମ ଉପରେ ଅଧିକ ଧ୍ୟାନ ଦେଇନଥନ୍ତି। ସେମାନେ ସମ୍ରାଟ (ରାଜା)ଙ୍କର କାଳ କ୍ରମାନୁସାରେ ଉତ୍ତରାଧିକାର ର ବର୍ଣ୍ଣନରେ ବେପରୁଆ ଅଟନ୍ତି।' ଗାନ୍ଧୀ ଏହି ସବୁ ବିଦ୍ୱାନଙ୍କ ମତ ବା ଲିଖନର ବିରୋଧି ଥିଲେ।

ଅତୀତ ଏବଂ ବର୍ତ୍ତମାନ ଦୁଇଟା ନୁହେଁ,ବର୍ତ୍ତମାନ ଅତୀତର ହିଁ ବିସ୍ତାର ଅଟେ। ଅତୀତ ନିର୍ଜୀବସତ୍ତା ନୁହେଁ, ବର୍ତମାନ ବିତି ଯାଇଥିବା ସମୟର ଚେହେରା ଅଟେ। ଇତିହାସ ଏବଂ ବର୍ତ୍ତମାନର ସମ୍ପର୍କ ଅବିଛିନ୍ନ ଅଟେ। ଇତିହାସରେ ମନୁଷ୍ୟର କର୍ମର ଅନୁଭବ



ହୋଇଥାଏ। ମଣିଷ ଇତିହାସରୁ ହିଁ ଶିଖିଥାଏ। ବର୍ତ୍ତମାନର ବସ୍ତୁନିଷ୍ଠ ଆଖ୍ୟାର ଉପକରଣ ମଧ୍ୟ ଇତିହାସ ଅଟେ। ଇତିହାସ ମନୁଷ୍ୟ ଜୀବନର ପ୍ରୟୋଗଶାଳା ଅଟେ। ସମାଜ ଏହି ପ୍ରୟୋଗଶାଳାର ନିଷ୍ପତ୍ତି ଅନୁସାରେ ଠିକ୍, ଭୁଲ, କେଉଁଟା କରିବା ଉଚିତ୍ ଓ କେଉଁଟା କରିବା ଉଚିତ୍ ନୁହେଁ ସେ କଥାର ସୂଚୀ ପ୍ରସ୍ତୁତ କରିଥାଏ। ଏଣୁ ଇତିହାସର ସଂକଳନ କାର୍ଯ୍ୟ ବୈଜ୍ଞାନିକଙ୍କ ପରି। କିନ୍ତୁ ଇତିହାସକାର ଏବଂ ବୈଜ୍ଞାନିକଙ୍କ ଲକ୍ଷରେ ଆଧାରଭୁତ ପାର୍ଥକ୍ୟ ରହିଛି। ବିଜ୍ଞାନ ପ୍ରକୃତିର ବିଶ୍ଳେଷଣ କରିଥାଏ କିନ୍ତୁ ଏହାର ନିଷ୍କର୍ଷ ଅନ୍ତିମ ନୁହେଁ। ପ୍ରକୃତି ବିରାଟ, ଏଠି, ଅନନ୍ତ ରହସ୍ୟ ରହିଛି। ବିଜ୍ଞାନ ଦ୍ୱାରା ଜଣାଯାଇଥିବା କୌଣସି ବି ତଥ୍ୟ ସଂପୁର୍ଣ୍ଣନୁହେଁ ବା ଅନ୍ତିମ ସତ୍ୟ ନୁହେଁ। ଇତିହାସ ହୋଇସାରିଥିବା ବା ଘଟି ଯାଇଥିବା ଘଟଣାର ବିବରଣ ଅଟେ। ଅତୀତରେ ମଧ୍ୟ ସବୁକିଛି ନୂଆର ସମ୍ଭାବନା ନାହିଁ। ଯାହା ହୋଇଛି ବା ଘଟିଯାଇଛି ତାର ତଥ୍ୟଗତ ସଙ୍କଳନ ହିଁ ଇତିହାସ ଅଟେ।

ଗାନ୍ଧୀ ଇତିହାସ ନିର୍ମାତା ଥିଲେ ଓ ଅନ୍ୟପକ୍ଷରେ ନିଜେ ଜଣେ ଭଲ ଇତିହାସ ଲେଖକ ମଧ୍ୟ ଥିଲେ। ଅନେକ ବିଦ୍ୱାନ ଗାନ୍ଧୀଙ୍କ ଲିଖିତ 'ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହର ଇତିହାସ' ପୁସ୍ତକର ପ୍ରଶଂସା କରିଛନ୍ତି। ଗାନ୍ଧୀଙ୍କ ଏହି ପୁସ୍ତକର ପ୍ରଥମ ଅଧ୍ୟାୟ ହେଉଛି 'ଭୂଗୋଳ'। ଇତିହାସର ଘଟଣା ସବୁ ଖାସ୍ ଭୂଖଣ୍ଡରେ ଘଟିଥାଏ। ଭୂଖଣ୍ଡ କ୍ଷେତ୍ରର ସ୍ୱରପ ସ୍ଥାୟୀ ରହିନଥାଏ। ଉତ୍ପାଦନର ସାଧନ ମଧ୍ୟ ପରିବର୍ତ୍ତନ ହୋଇଥାଏ। ଏଥିପାଇଁ ଇତିହାସର ଅଧ୍ୟୟନରେ ଭୂଗୋଳର ଗୁରୁତ୍ୱ ରହିଥାଏ। ବୈଦିକ ଯୁଗର କବି ଓ ଲେଖକ ମାନେ ମଧ୍ୟ ପରିବେଶ, ନଦୀ, ପର୍ବତ ସମ୍ପର୍କରେ ବର୍ଣ୍ଣନ କରୁଥିଲେ। ଏଥିସହ ତତ୍‌କାଳୀକ ଅର୍ଥବ୍ୟବସ୍ଥାର ବ୍ୟାଖ୍ୟା କରୁଥିଲେ। ଗାନ୍ଧୀ ମଧ୍ୟ ଦକ୍ଷିଣ ଆଫ୍ରିକାର ତତ୍‌କାଳୀନ ଅର୍ଥତନ୍ତ୍ରର ବର୍ଣ୍ଣନା କରିଥିଲେ। ଗାନ୍ଧୀ ଇତିହାସ ଲିଖନରେ ଭାଷାକୁ ମଧ୍ୟ ପ୍ରମୁଖ ସ୍ଥାନ ଦେଇଥିଲେ।

ଅଧ୍ୟୟନର ସମସ୍ତ ବିଷୟାନୁଶାସନ ମୁନୁଷ୍ୟ ହିଁ ଗଢିଛି ମନୁଷ୍ୟ ପାଇଁ। ବୃହତ୍ତର ମାନବତାର ଲୋକକଲ୍ୟାଣ ହିଁ ସବୁ ବିଷୟର ଜ୍ଞାନର ଲକ୍ଷ ଅଟେ। ଇତିହାସରେ ଲୋକମଙ୍ଗଳ ସାଧନର କର୍ମଯୋଗ ଏବଂ ବ୍ୟବହାର ଶାସ୍ତ୍ର ବାବଦରେ ଉଲ୍ଲେଖ ରହିଥାଏ। ଇତିହାସର ଲିଖନ, ସଂକଳନ ଏବଂ ଅଧ୍ୟୟନ କାର୍ଯ୍ୟ ଲୋକମଙ୍ଗଳ ଲକ୍ଷ ସହ ଜଡ଼ିତ। ପ୍ରଶ୍ନ ହେଉଛି ଭାରତୀୟ ଉପମହାଦ୍ୱୀପର ଇତିହାସ ଦେଖିବାର ପ୍ରାଚୀନ ଦୃଷ୍ଟିକୋଣ କ'ଣ ଥିଲା? କ'ଣ ପୌରାଣିକ ଥିଲା ? କ'ଣ ତଥ୍ୟର ତୃଟିପୂର୍ଣ୍ଣ ଭାବେ ବ୍ୟାଖ୍ୟା କରିବାର ମାନସିକତା ଥିଲା ? ମହାକାବ୍ୟ ଓ ପୁରାଣଶାସ୍ତ୍ର ଏବଂ ଏହା ପୂର୍ବରୁ ରଚିତ ବୈଦିକ ସାହିତ୍ୟର ନାୟକ କ'ଣ କାଳ୍ପନିକ ? ପୂର୍ବଜ ମାନଙ୍କର ଏଭଳି ଇତିହାସ ଦୃଷ୍ଟି ଥିଲା କାହିଁକି ? ଆଧୁନିକ ଐତିହାସିକ ମାନଙ୍କର ଏକ ବର୍ଗ ବା ଗୋଷ୍ଠୀ ଇତିହାସରେ ବୈଜ୍ଞାନିକ ଦୃଷ୍ଟିକୋଣକୁ ଜରୁରୀ ବୋଲି କହିଥାଁି। ଏହି ଦୃଷ୍ଟିକୋଣ ଅନୁସାରେ ବୈଦିକ ସାହିତ୍ୟ-ଇତିହାସରେ କ'ଣ ତୃଟି ରହିଛି ? କ'ଣ ମାକ୍ସବାଦୀ ଇତିହାସ ଲିଖନ ହିଁ ବୈଜ୍ଞାନିକ ଅଟେ ? ଯଦି ଏହା ଠିକ୍ ତେବେ କାର୍ଲମାର୍କ୍ସଙ୍କ ପୂର୍ବରୁ ଲିଖିତ ଇତିହାସ ଅବୈଜ୍ଞାନିକ ହୋଇପାରେ। ଏଭଳି ପ୍ରଶ୍ନାବଳି ଅନେକ ହୋଇପାରେ। କ'ଣ ପୁରାତାତ୍ୱିକ ସାକ୍ଷ୍ୟ ହିଁ ପ୍ରମାଣ ଅଟେ ? ଶବ୍ଦ ଅନୁଭୂତି ଶୃତି ସ୍ମୃତି କ'ଣ ବେକାର ଅଟେ ? ସେଇ କାଳଖଣ୍ଡ ବା ସମୟର ସଦ୍‌ଭାବ ପୁର୍ଣ୍ଣ ସମାଜ କ'ଣ ମହତ୍ୱପୁର୍ଣ୍ଣ ନୁହେଁ ?ରାଷ୍ଟ୍ରବୋଧର ବାସ୍ତବିକ ସର୍ତ୍ତ ସଚ୍ଚା ଇତିହାସ ବୋଧ ଅଟେ। ଗଣିତ, ଜ୍ୟୋତିଷ, ଚିକିତ୍ସା ଆଦି କ୍ଷେତ୍ରରେ ଭାରତର ଉପଲବ୍ଧି ବିଶ୍ୱ ବିଖ୍ୟାତ ଥିଲା। ଭାରତ ଇତିହାସ ସଙ୍କଳନର ନିଜର ବିଶେଷ ପରମ୍ପରା ବିକଶିତ କରିଥିଲା କିନ୍ତୁ ୟୁରୋପୀୟ ଇତିହାସବିତ୍ ମାନେ ଭାରତକୁ ଇତିହାସବିହୀନ କହିଛନ୍ତି ଗାନ୍ଧୀ ରାଜା ମହାରାଜା ମାନଙ୍କ ବିବରଣକୁ ପ୍ରକୃତ ଇତିହାସ ବୋଲି ଭାବୁ ନଥିଲେ। ହିନ୍ଦ୍‌ସ୍ୱରାଜରେ ଗାନ୍ଧୀ ପ୍ରକୃତ ଇତିହାସ କ'ଣ ସେ ବାବଦରେ ଅନେକ କଥା ଲେଖିଛନ୍ତି। ଗାନ୍ଧୀ ୟୁରୋପୀୟ ଇତିହାସର ଅନ୍ତର୍ବସ୍ତୁକୁ କେବଳ ଲଢ଼େଇ/ଯୁଦ୍ଧର ସଂଗ୍ରହ ବୋଲି କହୁଥିଲେ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ଦେବୀ ଦୁର୍ଗା ଓ ପ୍ରକୃତି

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ଜଗଜ୍ଜନନୀ କଲ୍ୟାଣୀ ମା'ଦୁର୍ଗା ଦୁର୍ଦ୍ଧାନ୍ତ ଅସୁର ମହିଷାସୁରକୁ ବଧ କରି ଦେବତା ମାନବ, ମୁନିଋଷି ସମସ୍ତଙ୍କୁ ତାର ଉତ୍ପୀଡ଼ନରୁ ରକ୍ଷା କରିଥିବାରୁ ମହିଷାସୁର ମର୍ଦ୍ଦିନୀ ନାମ ଧାରଣ କରିଛନ୍ତି। ମା'ସର୍ବଦା ତାର ସନ୍ତାନର କଲ୍ୟାଣ କରିବା ପାଇଁ ସମସ୍ତ ପ୍ରକାର କଷ୍ଟ ସ୍ୱୀକାର କରିଥାଏ। ସେହିପରି ଭାବରେ ଦୁର୍ଗତିନାଶିନୀ ମୋକ୍ଷପ୍ରଦାୟିନୀ ପତିତପାବନୀ ଅନ୍ନପୂର୍ଣ୍ଣା ମା'ଦୁର୍ଗା ଦୀର୍ଘ ଶହେବର୍ଷର ଅନାବୃଷ୍ଟିରୁ ଜଗତକୁ ଉଦ୍ଧାର କରି ପୃଥିବୀବାସୀଙ୍କୁ ଅନ୍ନ, ଜଳ, ଫଳ, ଶାକ, ଓ ବନସ୍ପତି ପ୍ରଦାନ କରି ଶାକମ୍ଭରୀ ନାମ ବହନ କରିଛନ୍ତି। ଏହାଦ୍ୱାରା ମା'ବଞ୍ଚି ରହିବା ପାଇଁ ପ୍ରକୃତିକୁ କିପରି ସର୍ବାଗ୍ରେ ପ୍ରାଧାନ୍ୟ ଦେବା ଆବଶ୍ୟକ ତାହାର ନିଦର୍ଶନ ସ୍ୱରୂପ ନିଜେ ଫୁଲ, ଫଳ ଓ ପତ୍ରର ଗଜରାମାଳରେ ମଣ୍ଡି ହୋଇ ସୁସଜ୍ଜିତ ହୁଅନ୍ତି, ସେଇ ମା'ଶାକମ୍ଭରୀଙ୍କ ବିଷୟ ଆଜିର ଆଲୋଚ୍ୟ ବିଷୟ।

ଦୁର୍ଗମ ନାମକ ଏକ ଦୁଷ୍ଟ ରାକ୍ଷସକୁ ବିନାଶ କରିଥିବାରୁ ମା'ଦୁର୍ଗା ନାମ ଧାରଣ କରିଛନ୍ତି। ହିରଣ୍ୟାକ୍ଷ ବଂଶରେ ଦୈତ୍ୟ ରୁରୁର ପୁତ୍ର ଥିଲେ ଦୁର୍ଗମ। ଦୁର୍ଗମ ବ୍ରହ୍ମାଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ବରପ୍ରାପ୍ତ ହୋଇ ମହାପରାକ୍ରମଶାଳୀ ହୋଇପାରିଥିଲା। ବରପ୍ରାପ୍ତି ଫଳରେ ସେ ବ୍ରହ୍ମାଙ୍କ ଠାରୁ ଚାରିବେଦ ମଧ୍ୟ ମାଗିଆଣିଥିଲା। ଫଳରେ ବୈଦିକ ରୀତିନୀତି, ଯାଗଯଜ୍ଞାଦି ବନ୍ଦ ହେବାରୁ ଦେବତାମାନେ ଯଜ୍ଞର ହବିର୍ଭାଗ ନପାଇ ଦୁର୍ବଳ ଅନୁଭବ କଲେ। ତାର ପ୍ରଭାବରେ ମର୍ତ୍ତ୍ୟରେ ଏକ ଶହ ବର୍ଷ ପର୍ଯ୍ୟନ୍ତ ବର୍ଷା ହେଲାନାହିଁ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିଲୋକରେ ହାହାକାର ଖେଳିଗଲା। ଏହାପରେ ଦୁର୍ଗମ ନିଜର ଅଧିକାରକୁ ସ୍ୱର୍ଗପୁରରେ ଜାହିର କଲା। ଦେବତାମାନେ ଦୁର୍ଗମ ଅତ୍ୟାଚାରରେ ସ୍ୱର୍ଗପୁର ତ୍ୟାଗକରି ହିମାଳୟ ପର୍ବତକୁ ପଳାୟନ କଲେ ଏବଂ ଶକ୍ତିଭୂତା ସନାତନୀ, ଭଗବତୀ ମାହେଶ୍ୱରୀଙ୍କୁ ସ୍ମରଣ କଲେ। ଦେବୀ ତତ୍‌କ୍ଷଣାତ ପ୍ରକଟିତା ହେଲେ। ଦୈତ୍ୟର ପ୍ରଭାବରେ ତ୍ରିଲୋକରେ ଏପରି ବ୍ୟାକୁଳତା ଭରିଯାଇଥିଲା ଯେ ଏହା ଦେଖି ମା'ଙ୍କ ଆଖିରୁ ଅବିରତ ଅଶ୍ରୁ ନିର୍ଗତ ହେବାକୁ ଲାଗିଲା। ବେଦନାକୁ ଧୋଇ ଦେବା ପାଇଁ ମା'ଙ୍କ ମୁଖମଣ୍ଡଳରେ ପ୍ରକଟିତ ହେଲା ଶହେଟି ନେତ୍ର, ତେଣୁ ମା'ଙ୍କର ଅନ୍ୟ ଏକ ନାମ 'ଶତାକ୍ଷୀ'। ଦେବୀଙ୍କ ଚକ୍ଷୁର ନୀର ତିନିଲୋକରେ ବୃଷ୍ଟିର ରୂପ ନେଲା। ନଦୀ ନାଳ ହ୍ରଦ ଅଗାଧ ଜଳରେ ପୂର୍ଣ୍ଣ ହୋଇଗଲା। ସକଳ ବନସ୍ପତି ପରିତୃପ୍ତ ହେଲେ। ପୃଥିବୀ ଶସ୍ୟଶ୍ୟାମଳା ହେଲା ଓ ବୃକ୍ଷମାନ ଫଳଫୁଲରେ ସୁଶୋଭିତ ହେଲେ। ଏହି ସମୟରେ ମା'ଭଗବତୀ ସଭିଁଙ୍କୁ ସ୍ୱହସ୍ତରେ ଅନେକ ପ୍ରକାର ଶାକ ଓ ସ୍ୱାଦିଷ୍ଟ ଫଳ ପ୍ରଦାନ କଲେ। ତେଣୁ ତାଙ୍କ ନାମ ହେଲା 'ଶାକମ୍ଭରୀ'। ମା'ପାର୍ବତୀ ଶାକମ୍ଭରୀ ରୂପରେ ଆବିର୍ଭୁତା ହୋଇ ପ୍ରବଳ ପ୍ରତାପୀ ଦୁର୍ଗମାସୁରକୁ ବଧ କଲେ। ଦେବୀ ଶାକମ୍ଭରୀଙ୍କ ଅନୁକମ୍ପାରେ ଦେବ, ମାନବ, ଋଷିମୁନି ସମସ୍ତେ ଉପକୃତ ହେଲେ। ମା'ବ୍ରହ୍ମାଙ୍କୁ ବେଦ ପ୍ରଦାନ କଲେ ଓ ଇନ୍ଦ୍ରଙ୍କୁ ସ୍ୱର୍ଗପୁରୀ ଫେରାଇ ଦେଲେ। ମା'ଶାକମ୍ଭରୀ ଦେବୀଙ୍କ ମହିମା ମହାଭାରତ ଓ ଶିବପୁରାଣରେ ବର୍ଣ୍ଣନା କରାଯାଇଛି।

ରାଜସ୍ଥାନର ସାମ୍ଭର ଓ ଉତ୍ତର ପ୍ରଦେଶର ସହରାନପୁର ଠାରେ ମା'ଶାକମ୍ଭରୀଙ୍କର ପ୍ରସିଦ୍ଧ ମନ୍ଦିର ଅବସ୍ଥିତ। ପ୍ରତିବର୍ଷ ପୌଷମାସରେ ଅଷ୍ଟମୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏଠାରେ ଶାକମ୍ଭରୀ ନବରାତ୍ରୀ ଓ ଶାକମ୍ଭରୀ ପୂର୍ଣ୍ଣିମା ପାଳନ କରାଯାଏ। ମା'ଙ୍କୁ ବିଭିନ୍ନ ପ୍ରକାର ଫଳ, ପରିବା, ଶାକ ଓ ବନସ୍ପତିର ମାଳ ପ୍ରସ୍ତୁତ କରାଯାଇ ପିନ୍ଧାଯାଏ ଏବଂ ନବପଲ୍ଲବରେ ସୁସଜ୍ଜିତ କରାଯାଏ। ଶାକ ଅର୍ଥ ସବୁଜ ବନସ୍ପତି ଓ ଅମ୍ବରୀ ଅର୍ଥ ଯେ ଏହାକୁ ଧାରଣ କରିଥାନ୍ତି। ତେଣୁ ମା'ଙ୍କ ଶାକମ୍ଭରୀ ବେଶ ହେଉଛି ସୁନ୍ଦର ସବୁଜ ବନାନୀର ଚିତ୍ର। ଯେଉଁ ବୃକ୍ଷଲତା ଭରା ସବୁଜ ବନାନୀକୁ ଆମେ ମା'ଶାକମ୍ଭରୀ ରୂପେ ଦର୍ଶନ କରୁ ତାକୁ ସୁରକ୍ଷିତ ରଖିବା ମା'ର ପୂଜା କରିବା ସହ ସମାନ। ଏଥିରେ ମା'ଅଧିକ ପ୍ରସନ୍ନ ହେବେ। ହେଲେ ଆଜି ମଣିଷ କ'ଣ ତାହା ବୁଝୁଛି ? ନ୍ୟସ୍ତସ୍ୱାର୍ଥର ବଶବର୍ତ୍ତୀ ହୋଇ କାଟି ଚାଲିଛି ବୃକ୍ଷ ପରେ ବୃକ୍ଷ। ତା ସ୍ଥାନରେ ଗଢ଼ି ଉଠୁଛି କଳକାରଖାନା ଓ ଅସଂଖ୍ୟ କୋଠାବାଡ଼ି। ବୃକ୍ଷରୋପଣ ଓ ସବୁଜ ବନାନୀ ସୃଷ୍ଟି କରିବାର ବାହାନାରେ ବହୁ ନେତା ଓ ସ୍ୱେଚ୍ଛାସେବୀମାନେ ସଭାସମିତିରେ ଭାଷଣ ଦେଇ ଅର୍ଥ ଆତ୍ମସାତ କରୁଛନ୍ତି। ମଣିଷ ଶରୀର ପଞ୍ଚଭୂତରେ ଗଢ଼ା। ଏହି ପଞ୍ଚଭୂତ - ମୃତ୍ତିକା, ଜଳ, ବାୟୁ, ଅଗ୍ନି ଏବଂ ଆକାଶ ମଧ୍ୟରେ ସମତା ରକ୍ଷାକରି ଜୀବ ଜଗତକୁ ବଞ୍ଚିବାର ରାହା ଯୋଗାଏ। ମୃତ୍ତିକା ବୃକ୍ଷକୁ ରକ୍ଷାକରେ। ଆଉ ବୃକ୍ଷ ମଧ୍ୟ ମୃତ୍ତିକାକୁ ସୁରକ୍ଷା ପ୍ରଦାନ କରେ। ଆମ ଶରୀରର ଜଳ ଏକ ପ୍ରଧାନ ଉପାଦାନ। ବୃକ୍ଷ ଯୋଗୁଁ ବୃଷ୍ଟି ହୁଏ। ବନ ନଷ୍ଟକରଣ ହେତୁ ବର୍ଷା ନିୟମିତ ହେଉନାହିଁ, ଫଳରେ ଅସମୟରେ ବର୍ଷା, ବନ୍ୟାହୁଏ ଏବଂ ମରୁଡ଼ି ଆଦି ଦୁର୍ବିପାକ ମଧ୍ୟ ସଂଘଟିତ ହୋଇଥାଏ। ପଚନ ହେଉଛି ଶରୀର ପାଇଁ ଅନ୍ୟ ଏକ ଅପରିହାର୍ଯ୍ୟ ଅଂଶ। ଯାହା ବୃକ୍ଷଦ୍ୱାରା ଶୁଦ୍ଧ ହୋଇଥାଏ। ମନୁଷ୍ୟ ନିଶ୍ୱାସରୁ ଉତ୍ପନ୍ନ ଅଙ୍ଗାରକାମ୍ଳକୁ ଗ୍ରହଣ କରି ବୃକ୍ଷ ଅମ୍ଳଜାନ ପ୍ରଦାନ କରିଥାଏ। ଅଗ୍ନି ବା ଉତ୍ତାପ ହେଉଛି ଶରୀର ପାଇଁ ଭିନ୍ନ ଅତ୍ୟାବଶ୍ୟକୀୟ ଉପାଦାନ। ଅଗ୍ନିର ମୂଳ ଉତ୍ସ ହେଉଛି ସୂର୍ଯ୍ୟ। ସୂର୍ଯ୍ୟଙ୍କ ପ୍ରଖର କିରଣକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷ ଅତ୍ୟନ୍ତ ଆବଶ୍ୟକ। ଆଜିକାଲି ବୃକ୍ଷ ନଷ୍ଟ ହେବା ଫଳରେ ବାୟୁମଣ୍ଡଳରେ ତାପମାତ୍ରା ଅତ୍ୟଧିକ ଭାବରେ ବଢ଼ି ଚାଲିଛି। ସେହିପରି ଆକଶ ତତ୍ତ୍ୱ ହେଉଛି ଶରୀରର ଅନ୍ୟ ଏକ ଉପାଦାନ। ଯାହା ମନୁଷ୍ୟ ଚଳପ୍ରଚଳ କରିବା ପାଇଁ ଭାରସାମ୍ୟ ରକ୍ଷାକରେ। ମା'ଦୁର୍ଗା ଶାକମ୍ଭରୀ ହୋଇ ସବୁଜବନାନୀ ସୃଷ୍ଟି କରି ଜୀବଜଗତ ତଥା ଦେବତା ମାନଙ୍କୁ ରକ୍ଷା କରିଥିଲେ। ତେଣୁ ଦୁର୍ଗାପୂଜାରେ ଆମେ ବୃକ୍ଷରୋପଣ କରି ଓ ତାର ଉପଯୁକ୍ତ ଯତ୍ନ ନେଇ ସବୁଜ ବନାନୀ ସୃଷ୍ଟି କଲେ ତାହା ହେବ ମା'ଶାକମ୍ଭରୀଙ୍କ ପାଇଁ ଉପଯୁକ୍ତ ପୂଜାଅର୍ଚ୍ଚନା। ଏହି ଅନ୍ନଦାତ୍ରୀ ପ୍ରକୃତିରାଣୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଜି ଏହି ପବିତ୍ର ଦଶହରା ଉତ୍ସବରେ ଚାଲନ୍ତୁ ପରିବେଶର ସୁରକ୍ଷା ଓ ବୃକ୍ଷରୋପଣ ପାଇଁ ଶପଥ ନେବା।

କଟକ, ଦୂରଭାଷ : ୯୮୬୧୩୫୫୬୨୮

### ବିଶ୍ୱାସର ଅନନ୍ୟ ପ୍ରତୀକ ଲାଞ୍ଜିଗଡ଼ ଭୈରବଦେବଙ୍କ ଝାମୁଯାତ୍ରା

# ଡହଡହ ତତଲା ରଡ ନିଆଁ ଉପରେ ଚାଲିଲେ କାଳେସୀ, ଶ୍ରଦ୍ଧାଳୁଙ୍କ ସମାଗମ

**କଳାହାଣ୍ଡି,୧।୧୦(ନି.ସୂ) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସହରର ପରମ ଆରାଧ୍ୟ ଦେବତା ଅଗ୍ନି ଭୈରବଙ୍କ ବିଶ୍ୱପ୍ରସିଦ୍ଧ ଝାମୁଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଆଧ୍ୟାତ୍ମିକ ବିଶ୍ୱାସ, ପରମ୍ପରା ଓ ଲୋକସଂସ୍କୃତିର ଅନନ୍ୟ ସମନ୍ୱୟ ଏହି ଯାତ୍ରାରେ ଦେଖିବାକୁ ମିଳିଥିଲା। ଭୈରବଦେବଙ୍କ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ପରମ୍ପରା ଅନୁଯାୟୀ, ଲାଞ୍ଜିଗଡ଼ରେ ଦଶମୀ ନୂଆଖାଇ ଓ ବାସୀ ପର୍ବ ପାଳନ ପରେ ତ୍ରୟୋଦଶୀ ତିଥିରେ ଭୈରବ ମନ୍ଦିରରୁ ଭୈରବଦେବଙ୍କ ଖଣ୍ଡା ବାହାର କରାଯାଇ ସ୍ଥାନୀୟ ରାଜଉଆସକୁ ନିଆଯାଇଥାଏ। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଅଗ୍ନି ଭୈରବଙ୍କ ଗୋଟିଏ, ବାଲି ଭୈରବଙ୍କ ଗୋଟିଏ ଓ ବୁଢ଼ା ଭୈରବଙ୍କ ଦୁଇଟି ଖଣ୍ଡାକୁ 'ବାଲି ଘର'କୁ ନିଆଯାଇଥାଏ। ଏହି ଅବସରରେ ପୂଜକମାନେ ସ୍ଥାନୀୟ ଶୁକ୍ଳିନାଳରୁ ୯ଟି ଟାଙ୍ଗୁଡ଼ିରେ ବାଲି ଆଣିବା ସହ ଶ୍ରଦ୍ଧାଳୁଙ୍କ ଘରୁ ୯ ପ୍ରକାର ଶସ୍ୟ ସଂଗ୍ରହ କରି ବାଲି ଘରେ ରଖିଥାନ୍ତି। ଏହାପରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥାଏ। ଅଶ୍ୱପଞ୍ଚମୀ ତିଥିରେ ତିନି ଭୈରବଙ୍କ ପ୍ରତୀକକୁ ବାଲି ଘରୁ ମୁଖ୍ୟ ମନ୍ଦିରକୁ ଅଣାଯାଇ ଆଜ୍ଞାମାଳ ନିଆଯାଏ। ପରେ ନିଆଁର 'ଖନ୍ଦା' ବା ଝାମୁକୁ ତିନିଥର ପ୍ରଦକ୍ଷିଣ କରି ଠାକୁରାଣୀ ମନ୍ଦିରକୁ ଯାଇ ଦେବୀଙ୍କୁ ଆମନ୍ତ୍ରଣ କରାଯାଇଥାଏ।

ଝାମୁଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ଅଗ୍ନି ଭୈରବଙ୍କ କାଳେସୀଙ୍କ ଅଗ୍ନି ପରୀକ୍ଷା। ଚାରୋଟି କଟା କଦଳୀ ଗଛକୁ ଧଳା କପଡ଼ାରେ ଘୋଡ଼ାଇ 'ଗଉରୀଘର' ପ୍ରସ୍ତୁତ କରାଯାଇଥିଲା। ପରମ୍ପରା ଅନୁଯାୟୀ ବଡ଼ଭୋଗ ଦିଆଯିବା



ପରେ ଡହଡହ ତତଲା ରଡ଼ ନିଆଁ ଉପରେ କାଳେସୀଙ୍କ ଚାଲିବାର ଦୃଶ୍ୟ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଭକ୍ତି ଓ ଉତ୍ସାହ ସୃଷ୍ଟି କରିଥିଲା। କାଳେସୀ ନିଆଁ ଉପରେ ଚାଲିବା ସମୟରେ ଶ୍ରଦ୍ଧାଳୁଙ୍କ ହର୍ଷଧ୍ୱନି ସହ ଡମ୍ବାଜା, ଘୁମୁରା ଓ କୀର୍ତ୍ତନର ଶବ୍ଦରେ ସମଗ୍ର ଅଞ୍ଚଳ ମୁଖରିତ ହୋଇଉଠିଥିଲା। ଭୈରବଦେବଙ୍କ ପ୍ରତି ଥିବା ଅଗାଧ ବିଶ୍ୱାସ ଓ ଭକ୍ତିର ଏହି ଅନନ୍ୟ ପରମ୍ପରାକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ମଧ୍ୟ ଶ୍ରଦ୍ଧାଳୁମାନେ ଆସିଥିଲେ।

ଯାତ୍ରା ଶେଷରେ ମାନସିକଧାରୀମାନେ ପରମ୍ପରା ଅନୁଯାୟୀ ଶହ ଶହ କୁକୁଡ଼ା, ପାରା, ବତକ ଓ ଛେଳି ଆଦି ବଳି ପ୍ରଦାନ କରିଥିଲେ। ଏହି ସ୍ୱତନ୍ତ୍ର ପୂଜାରେ ଅଗ୍ନି ଭୈରବ, ବାଲି ଭୈରବ ଅଭିମନ୍ୟୁ ପାତ୍ର, ଠାକୁରାଣୀଙ୍କ ପୂଜାରୀ ଜନ୍ମେଶ୍ୱର ପୂଜାରୀ, ଗୁରମାଇଁ, ପାଟ ଘୁମରିଆ ଓ ଚଲାନ୍ ପ୍ରମୁଖ ସାମିଲ ହୋଇଥିଲେ। ଲାଞ୍ଜିଗଡ଼ ରାଜା ସୁରେନ୍ଦ୍ର ପ୍ରତାପ ସିଂହଦେଓଙ୍କ ସହ 'ହରିହର ସାଂସ୍କୃତିକ ଅନୁଷ୍ଠାନ', 'ଲାଞ୍ଜିଗଡ଼ ଯୁବକ ସଂଘ' ଓ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଲାଞ୍ଜିଗଡ଼ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିଭଳି ବିଶ୍ୱନାଥପୁର ଠାରେ ମଧ୍ୟ ଏହି ଝାମୁଯାତ୍ରା ମହା ସମାରୋହ ର ସହ ପାଳନ ହୋଇଯାଇଛି, ବିଶ୍ୱନାଥପୁର ଗଉଁନ୍ତିଆ ପ୍ରଦୀପ ଘଡେଇଙ୍କ ତତ୍ତ୍ୱବଧାନ ରେ ହୋଇଥିବା ଏହି ଝାମୁଯାତ୍ରା ରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ପୂର୍ବତନ ମନ୍ତ୍ରୀ ଡକ୍ଟର ବଳଭଦ୍ର ମାଝୀ, ପ୍ରମୁଖ ଉପସ୍ଥିତ ରହି ଆଶିଷ ଲାଭ କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ମାଦଲପଖାନ ଗାଁ

### ପ୍ରଶାସନର ଦୃଷ୍ଟିପଡିବ କେବେ ?

**ସିନାପାଲି,୧।୧୦(ନି.ସୂ) :** ମୌଳିକ ସୁବିଧାରୁ ବଞ୍ଚିତ ଜଙ୍ଗଲ ପାହାଡ଼ ଘେରା ଉପାନ୍ତ ଅଞ୍ଚଳ ମାଦଲପଖାନ ଗାଁ । ଏମାନଙ୍କ ପାଇଁ ସାତସପନ ପାଲଟିଛି ପାଣି, ରାସ୍ତା ଓ ଶିକ୍ଷା ର ସୁବିଧା । କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ଗାଁ ରୁ ସହର ପର୍ଯ୍ୟନ୍ତ ରାସ୍ତାଘାଟ, ସ୍କୁଲ୍ କଲେଜ ଏବଂ ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରୁଥିବା ବେଳେ, ଏବେ ମଧ୍ୟ ଅନେକ ଗାଁ ଏସବୁ ସୁବିଧାରୁ ବଞ୍ଚିତ ଅଛନ୍ତି। ସେଥି ମଧ୍ୟରୁ ନୂଆପଡ଼ା ଜିଲ୍ଲା, ସିନାପାଲି ବ୍ଲକ ଗୋର୍ଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଦଲପଖାନ ଗ୍ରାମ ଆଜି ବି ମୌଳିକ ସୁବିଧାରୁ ବହୁ ଦୂରରେ ରହିଛି । ପାହାଡ଼-ପର୍ବତ ଘେରା ଦୁର୍ଗମ ଅଞ୍ଚଳରେ ଥିବା ଏହି ଗାଁରେ ପ୍ରାୟ ୧୨ରୁ ୧୫ଟି ପରିବାର ବସବାସ କରୁଥିବା ବେଳେ, ଦୈନନ୍ଦିନ ଜୀବନରେ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଁକୁ ଯିବା ପାଇଁ ଏକ ସୁଗମ ସଡ଼କ ନଥିବାରୁ ବର୍ଷାଦିନେ ଲୋକଙ୍କ ଯାତାୟାତ ଆହୁରି ଦୁର୍ବିଷହ ହୋଇପଡ଼େ। ଜରୁରୀ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବା ମଧ୍ୟ ଏଠାକାର ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା ବୋଲି ଅଭିଯୋଗ ହୋଇଛି।



ପାଣି ପାଇଁ ବାଲିଚୁଆ ଭରସା ଗ୍ରାମରେ ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା ନଥିବାରୁ ଲୋକେ ବାଲିଚୁଆ ଉପରେ ନିର୍ଭର କରୁଛନ୍ତି। ବିଶେଷକରି ଖରାଦିନେ ପାଣି ପାଇଁ ଗ୍ରାମବାସୀଙ୍କୁ ଅଧିକ ଦୁର୍ଦ୍ଦଶା ଭୋଗିବାକୁ ପଡୁଥିବା ଜଣାପଡ଼ିଛି। ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତାରେ ଅଭିଭାବକ। ଗ୍ରାମରେ ନାହିଁ ଅଙ୍ଗନୱାଡ଼ି କେନ୍ଦ୍ର, ନାହିଁ ପିଲାଙ୍କ ପାଠପଢ଼ା ପାଇଁ କୌଣସି ସ୍ଥାନୀୟ ବ୍ୟବସ୍ଥା। ଫଳରେ ଛୋଟ ପିଲାମାନଙ୍କ ଶିକ୍ଷା ଆରମ୍ଭରୁ ହିଁ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଶିକ୍ଷା ପାଇଁ ପିଲାମାନଙ୍କୁ ଦୂର ଅଞ୍ଚଳକୁ ଯିବାକୁ ପଡୁଛି। ଗାଁରେ ବିଜୁଳି ସୁବିଧା ମଧ୍ୟ ନଥିବାରୁ ଅନ୍ଧାରରେ ଜୀବନ ବିତାଉଛନ୍ତି ଗ୍ରାମବାସୀ। ଆଧୁନିକ ଯୁଗରେ ମଧ୍ୟ ଏଭଳି ମୌଳିକ ସୁବିଧାରୁ ଏକ ଗାଁ ବଞ୍ଚିତ ରହିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା ରହିଥିଲେ ମଧ୍ୟ ମାଦଲପଖାନ ଗ୍ରାମବାସୀଙ୍କ ନିକଟରେ ସେସବୁ ଯୋଜନାର ସୁଫଳ ପହଞ୍ଚୁ ନଥିବା ଅଭିଯୋଗ ହୋଇଛି। ଗ୍ରାମକୁ ରାସ୍ତା, ପାନୀୟ ଜଳ, ବିଦ୍ୟୁତ, ଅଙ୍ଗନୱାଡ଼ି କେନ୍ଦ୍ର ଓ ଶିକ୍ଷା ଭଳି ମୌଳିକ ସୁବିଧା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୧୨୫ ବର୍ଷର ଗୌରବ ବହନ କରୁଛି ବିଜେବି ଉଚ୍ଚ ବିଦ୍ୟାଳୟ

# ବାର୍ଷିକୋତ୍ସବ ପୂର୍ବରୁ ଛାତ୍ରଛାତ୍ରୀଙ୍କ ସଚେତନତା ପଦଯାତ୍ରା

**ଖୋରଧା,୧।୧୦(ନି.ସୂ) :** ସଂଗ୍ରାମୀ ପାଇକ ମାଟି ଖୋରଧାର ଶିକ୍ଷା ଓ ସାଂସ୍କୃତିକ ଐତିହ୍ୟର ଏକ ଗୌରବମୟ



ଅଧ୍ୟାୟ ହେଉଛି ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ। ଦୀର୍ଘ ୧୨୫ ବର୍ଷର ଶିକ୍ଷାଦାନ ଓ ଜ୍ଞାନ ବିତରଣର ଗୌରବମୟ ଯାତ୍ରାକୁ ସ୍ମରଣ କରି ବିଦ୍ୟାଳୟ ପକ୍ଷରୁ ଆୟୋଜିତ ହେଉଛି ୧୨୫ତମ ବାର୍ଷିକୋତ୍ସବ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିବା ବେଳେ, ଉତ୍ସବ ପୂର୍ବରୁ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସମାଜରେ ସଚେତନତା ସୃଷ୍ଟି ପାଇଁ ପଦଯାତ୍ରା ଆୟୋଜିତ ହୋଇଛି ।ବିଦ୍ୟାଳୟର ପୁରୁଷ ଓ ମହିଳା ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ସମାଜରେ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦେଇ ପଦଯାତ୍ରା କରିଥିଲେ। ଶିକ୍ଷା, ସାମାଜିକ ଦାୟିତ୍ୱ ଓ ସୁସ୍ଥ ସମାଜ ଗଠନର ବାର୍ତ୍ତା ନେଇ ଛାତ୍ରଛାତ୍ରୀଙ୍କ ଏହି ପଦଯାତ୍ରା ବିଦ୍ୟାଳୟର କେବଳ ଶିକ୍ଷାଦାନ ନୁହେଁ, ସମାଜ ପ୍ରତି ଦାୟିତ୍ୱବୋଧର ମଧ୍ୟ ଏକ ଉଦାହରଣ ସୃଷ୍ଟି କରିଛି।

ଆସନ୍ତା ଅକ୍ଟୋବର ୩ ତାରିଖ ସନ୍ଧ୍ୟା ୫ଟାରୁ ବିଦ୍ୟାଳୟର ୧୨୫ତମ ବାର୍ଷିକୋତ୍ସବର ମୁଖ୍ୟ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ଓଡ଼ିଶାର ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଥିବା ବେଳେ ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏବଂ ଆଇନ ଓ ଅବକାରୀ ମନ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ସେହିପରି ଅକ୍ଟୋବର ୪ ତାରିଖ ଅପରାହ୍ନ ୩ଟାରୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରାକ୍ତନ ଛାତ୍ର ସଂସଦ ପକ୍ଷରୁ ଏହି ଐତିହାସିକ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି।

ଏହି ବିଦ୍ୟାଳୟର ଇତିହାସ ମଧ୍ୟ ଗୌରବମୟ। ଶିକ୍ଷାପ୍ରେମୀ ବ୍ୟକ୍ତିମାନଙ୍କ ଉଦ୍ୟମ, ସହଯୋଗ ଓ ଅବଦାନରେ ଏହି ଶିକ୍ଷାନୁଷ୍ଠାନର ଭିତ୍ତି ଗଢ଼ିଉଠିଥିଲା। ଖୋରଧାର ତତ୍କାଳୀନ ପ୍ରଶାସନିକ ଅଧିକାରୀ ଓ ଶିକ୍ଷାପ୍ରେମୀ ବ୍ୟକ୍ତିମାନଙ୍କ ଉଦ୍ୟମ ଏହାର ପ୍ରତିଷ୍ଠା ପଛରେ ରହିଥିଲା। ସେହି ସମୟରୁ ଆଜି ପର୍ଯ୍ୟନ୍ତ ଏହି ବିଦ୍ୟାଳୟ ଖୋରଧାର ଶିକ୍ଷା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି। ୧୨୫ ବର୍ଷର ଏହି ଗୌରବମୟ ଯାତ୍ରାକୁ ସ୍ମରଣ କରିବା ସହ ପୁରାତନ ଛାତ୍ର, ବର୍ତ୍ତମାନର ଛାତ୍ରଛାତ୍ରୀ, ଶିକ୍ଷକ ଓ ଖୋରଧାବାସୀଙ୍କ ମଧ୍ୟରେ ବାର୍ଷିକୋତ୍ସବକୁ ନେଇ ଉତ୍ସାହ ବଢ଼ିଛି। ଅତୀତର ଗୌରବକୁ ସ୍ମରଣ କରି ଆଗାମୀ ପିଢ଼ି ପାଇଁ ନୂଆ ସ୍ୱପ୍ନ ଓ ଲକ୍ଷ୍ୟ ନେଇ ଏହି ଐତିହାସିକ ଉତ୍ସବ ଆୟୋଜିତ ହେଉଥିବାରୁ ଏହାକୁ ନେଇ ବିଦ୍ୟାଳୟ ପରିବାର ମଧ୍ୟରେ ବିଶେଷ ଉତ୍ସାହ ପ୍ରକାଶ ପାଇଛି।

### ଯୁଗ୍ମ ଜନଶୁଣାଣି ଅଭିଯୋଗ ସମାଧାନରେ ଉଲ୍ଲେଖନୀୟ ଅଗ୍ରଗତି

# ୯୦.୮୬ ପ୍ରତିଶତ ଅଭିଯୋଗର ସମାଧାନ

**ନୂଆପଡା,୧।୧୦(ନି.ସୂ) :** ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ଓ ସମୟୋଚିତ ସମାଧାନ ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାରେ ପ୍ରତି ସୋମବାର ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହେଉଛି। ଏହି ଶିବିର ମାଧ୍ୟମରେ ଗ୍ରହଣ କରାଯାଉଥିବା ଅଭିଯୋଗର ସମାଧାନ କ୍ଷେତ୍ରରେ ଜିଲ୍ଲାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି।

ତଥ୍ୟ ଅନୁଯାୟୀ, ୧୨ ଅଗଷ୍ଟ ୨୦୨୪ରୁ ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ମୋଟ ୮,୧୦୮ଟି ଅଭିଯୋଗ ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ୭,୩୬୭ଟି ଅଭିଯୋଗର ସମାଧାନ କରାଯାଇଛି, ଯାହା ମୋଟ ଅଭିଯୋଗର ୯୦.୮୬ ପ୍ରତିଶତ। ବର୍ତ୍ତମାନ ୭୪୧ଟି ଅଭିଯୋଗ ବିଭିନ୍ନ ବିଭାଗ ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟାଳୟରେ ବିଚାରାଧୀନ ରହିଛି।

ପ୍ରତି ସୋମବାର ଅନୁଷ୍ଠିତ ଯୁଗ୍ମ ଜନଶୁଣାଣି ଶିବିର ଆରମ୍ଭରେ ଜିଲ୍ଲାପାଳ ବିଭାଗୱାରୀ ବିଚାରାଧୀନ ଅଭିଯୋଗଗୁଡ଼ିକର ସ୍ଥିତି ସମୀକ୍ଷା କରନ୍ତି।



ନିଷ୍ପତ୍ତି ହୋଇନଥିବା ଅଭିଯୋଗଗୁଡ଼ିକୁ ପ୍ରାଥମିକତା ଦେଇ ଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି। କେତେକ ଅଭିଯୋଗର ସମାଧାନ ପାଇଁ କ୍ଷେତ୍ରସ୍ତରୀୟ ଯାଞ୍ଚ, ସମ୍ପୃକ୍ତ କାର୍ଯ୍ୟାଳୟରୁ ରିପୋର୍ଟ ସଂଗ୍ରହ ଏବଂ ଏକାଧିକ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହୁଛି। ଏଭଳି ଅଭିଯୋଗଗୁଡ଼ିକର ମଧ୍ୟ ନିୟମିତ ଅନୁଧ୍ୟାନ କରାଯାଇ ଆବଶ୍ୟକ ତଥ୍ୟ ଓ ରିପୋର୍ଟ ସଂଗ୍ରହ ପରେ ନିଷ୍ପତ୍ତି ପାଇଁ ପଦକ୍ଷେପ ନିଆଯାଉଛି।

ଯୁଗ୍ମ ଜନଶୁଣାଣି ଶିବିରରେ ଯୋଗ୍ୟ ବ୍ୟକ୍ତିଙ୍କୁ ତତ୍କାଳୀନ ସହାୟତା ପ୍ରଦାନ ଉପରେ ମଧ୍ୟ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉଛି। ଆବଶ୍ୟକତା ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି (ଉଗଜର) ଓ ରେଡ୍‌କ୍ରସ୍ ପାଣ୍ଠିରୁ ଯୋଗ୍ୟ ହିତାଧିକାରୀଙ୍କୁ ଚେକ୍ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ଗତ ଦୁଇ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୫୮ ଜଣ ହିତାଧିକାରୀଙ୍କୁ ମୋଟ ୧ କୋଟି ୪୮ ଲକ୍ଷ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ସେହିପରି, ରେଡ୍‌କ୍ରସ୍ ପାଣ୍ଠିରୁ ୩୨୪ ଜଣ ହିତାଧିକାରୀଙ୍କୁ ମୋଟ ୨୬ ଲକ୍ଷ ୫୬ ହଜାର ୬୯୬ ଟଙ୍କାର ସହାୟତା ଦିଆଯାଇଛି। ଏହି ଆର୍ଥିକ ସହାୟତା ମୁଖ୍ୟତଃ ଚିକିତ୍ସା ଓ ଜୀବିକା ସହାୟତା ପାଇଁ ପ୍ରଦାନ କରାଯାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ଉଗଜରରୁ ସହାୟତା ପ୍ରଦାନ ଜାରି ରଖିବା ପାଇଁ ଆଗାମୀ ଦିନରେ ଅତିରିକ୍ତ ୪୦ ଲକ୍ଷ ଟଙ୍କାର ପାଣ୍ଠି ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଯୁଗ୍ମ ଜନଶୁଣାଣି ଶିବିର ମାଧ୍ୟମରେ ଜନସାଧାରଣ ନିଜର ସମସ୍ୟା ଓ ଅଭିଯୋଗ ଜିଲ୍ଲା ପ୍ରଶାସନ ସମ୍ମୁଖରେ ସିଧାସଳଖ ଉପସ୍ଥାପନ କରିପାରୁଛନ୍ତି। ଅଭିଯୋଗଗୁଡ଼ିକର ଉପଯୁକ୍ତ ଓ ସମୟୋଚିତ ନିଷ୍ପତ୍ତି ସୁନିଶ୍ଚିତ କରିବା ଦିଗରେ ଏହି ବ୍ୟବସ୍ଥା ନିରନ୍ତର କାର୍ଯ୍ୟ କରୁଛି।

## ସିନାପାଲି ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫେଇ ମିତ୍ର ସୁରକ୍ଷା ଶିବିର

**ସିନାପାଲି,୧।୧୦(ନି.ସୂ) :** ନୂଆପଡ଼ା ଜିଲ୍ଲା, ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ବି.ଆର.ସି. ପୁଣ୍ଡରୀକାକ୍ଷ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସିନାପାଲି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ପରିଡ଼ା, ଗୋଷ୍ଠୀ ଚିକିତ୍ସାଧିକାରୀ ଶ୍ରୀମାନ ସାହୁ ପ୍ରମୁଖଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ସିନାପାଲି ବ୍ଲକ ଅନ୍ତର୍ଗତ ସମସ୍ତ ପରିମଳ କର୍ମୀ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ମୋଟ ୬୨ ଜଣ ପରିମଳ କର୍ମୀଙ୍କ ସମେତ ୨୨ଜଣ ପରିମଳ ଦୂତ ଅଂଶ ଗ୍ରହଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ରକ୍ତଚାପ ଓ ରକ୍ତ ନମୁନା ପରୀକ୍ଷା କରାଇଥିଲେ। ବିଭିନ୍ନ ଗ୍ରାମ ତଥା ସ୍ଥାନରେ ପରିମଳ କର୍ମୀ ଓ ଦୂତ ମାନେ ନିଜକୁ ସମର୍ପିତ କରି ସମାଜ ପାଇଁ କାମ କରୁଥିବା ବେଳେ, ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଦୃଷ୍ଟି ଦେଇ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱାସ୍ଥ୍ୟ ଓ ପରିମଳ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅନୁଷ୍ଠିତ

**ଭଣ୍ଡାରିପୋଖରି,୧।୧୦(ନି.ସୂ) :** ଭଣ୍ଡାରିପୋଖରି ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଭଣ୍ଡାରିପୋଖରି ବ୍ଲକ ସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ବ୍ଲକ ସମ୍ମିଳନୀ କକ୍ଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ଦାଶଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ମଞ୍ଚ ଆହ୍ୱାନ କରିଥିଲେ ଶିକ୍ଷାବିତ ଭରତ ଚନ୍ଦ୍ର କରଣ । ଜଗତର ନାଥ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଧୂପ ଓ ପୁଷ୍ପ ପ୍ର ଦାନ ପୂର୍ବକ ସଭା ଆରମ୍ଭ କରାଯାଇଥିଲା ।

ମଞ୍ଜୁରୀରୋଡ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାରିକପୁର ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ଡ.ପୁରୁଷୋତ୍ତମ ଧଳ ସ୍ୱାଗତ ଭାଷଣ ଦେଇଥିଲେ । ଅତିଥିଭାବେ ବ୍ଲକ ଅଧକ୍ଷା ସୁମତି ସେଠି,ଉପାଧ୍ୟକ୍ଷ ପ୍ରଣୀତ କାନ୍ତି ସାମଲ,ସ୍ୱାସ୍ଥ୍ୟ ଅଧିକାରୀ ଡା.ରାଜେଶ କୁମାର ବେହେରା,ସହ ଥାନାଧିକାରିଣୀ ଦେବକିରାଣୀ ରାଉତ,ସମାଜସେବୀ ଗୋଲକ ଚନ୍ଦ୍ର ବେହେରା,ଆଇନ ପରାମର୍ଶଦାତା ହରେକୃଷ୍ଣ ନାୟକ ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କର ସୁସ୍ଥ ଓ ନିରୋଗ ଜୀବନ କାମନା କରିଥିଲେ ।ଏହି ଅବସରରେ ଆୟୋଜିତ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ଉପଢୌକନ ଦିଆ ଯାଇଥିଲା ।ବ୍ଲକର ଛଅ ଜଣ ବୟୋଜ୍ୟେଷ୍ଠ ନାଗରିକ ସର୍ବଶ୍ରୀ ହରିଶ୍ଚନ୍ଦ୍ର ଜେନା,ଡ.ପୁରୁଷୋତ୍ତମ ଧଳ,ମୁରଲୀଧର ଦାସ,ଘନଶ୍ୟାମ ସ୍ୱାଇଁ,ଶ୍ରୀପତି ଜେନା ଓ ଉମାକାନ୍ତ ଜେନାଙ୍କୁ ' ବରିଷ୍ଠ ନାଗରିକ ସମ୍ମାନ' ପ୍ରଦାନ କରାଯାଇ ଥିଲା। ଯୋଗ ଓ ବ୍ୟାୟାମ ,ଏକ ପେଡ ମାକେ ନାମ,ବ୍ଲକ ହତା ସଫେଇ ଆଦି କାର୍ଯ୍ୟକ୍ରମ ବୟସ୍କ ନାଗରିକମାନେ କରଥିଲେ ।ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ ଧନ୍ୟବାଦ ଦେଇଥିଲେ।

## ଶୋକସନ୍ତପ୍ତ ପରିବାରକୁ ଏସ୍‌ବିଆଇ ପକ୍ଷରୁ ୧୦ ଲକ୍ଷ ଟଙ୍କାର ସହାୟତା

**କଟକ,୧।୧୦(ନି.ସୂ) :** ପୋଲିସ ମୋଟର ଟ୍ରାନ୍ସପୋର୍ଟର ପୂର୍ବତନ କର୍ମଚାରୀ ସ୍ୱର୍ଗତ ଚିନ୍ମୟ ପ୍ରଧାନଙ୍କ ପତ୍ନୀ ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ଲେଙ୍କାଙ୍କୁ ଏସ୍‌ବିଆଇର ପିଏସ୍‌ପି ଆକାଉଣ୍ଟ ସୁବିଧା ଅନ୍ତର୍ଗତ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସ୍ୱାମୀଙ୍କ ଅକାଳ ଦେହାନ୍ତ ପରେ ଶୋକସନ୍ତପ୍ତ ପରିବାରକୁ ସହାୟତା ସ୍ୱରୂପ ଏହି ରାଶି ପ୍ରଦାନ



କରାଯାଇଛି। କଟକ ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀ ଏବଂ ଏସ୍‌ବିଆଇ କଟକ ରିଜିଅନର ରିଜିଓନାଲ ମ୍ୟାନେଜର ଚୌଧୁରୀ ଅଶ୍ୱିନ ଅନୁପମ ପ୍ରହରାଜ ଶ୍ରୀମତୀ ଲେଙ୍କାଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ହସ୍ତାନ୍ତର କରିଥିଲେ। ଏହି ଅବସରରେ କଟକ ମୋଟର ଟ୍ରାନ୍ସପୋର୍ଟର ପୋଲିସ ଏସ୍‌ପି ବାନାମ୍ବର ସେଠୀ, କଟକ ସହରାଞ୍ଚଳ ପୋଲିସ ସଂଘର ସମ୍ପାଦକ ପ୍ରମୋଦ କୁମାର ଜଗଦେବ, ସଭାପତି ବିଜନ କୁମାର ସାହୁ, ଏବଂ ଏସ୍‌ବିଆଇ ତୁଳସୀପୁର ଶାଖାର ଶାଖା ପରିଚାଳକ ଦୀପ୍ତି ସଙ୍ଗୀତା ଦାଶ ଉପସ୍ଥିତ ଥିଲେ।

### ପାର୍ବଣ ଋତୁରେ ଚାନ୍ଦା ଓ ଦାଦାବଟିକୁ ନା

# ସୂଚନା ଦେଲେ ଗୋପନ ରହିବ ପରିଚୟ: ଆଇଜିପି

**କଟକ,୧।୧୦(ନି.ସୂ) :** ପାର୍ବଣ ଋତୁ ଆସୁଥିବା ବେଳେ ଚାନ୍ଦା ଆଦାୟ ଓ ଦାଦାବଟିକୁନେଇ ପୁଲିସ ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ପୂଜାପର୍ବର ଆଳରେ କୌଣସି ବ୍ୟକ୍ତି, ଗୋଷ୍ଠୀ କିମ୍ବା ସଂଗଠନଜୋରଜବରଦସ୍ତି ଚାନ୍ଦା ଆଦାୟ କିମ୍ବା ଦାଦାବଟି ମାଗିଲେ ତାହାକୁବରଦାସ୍ତ କରାଯିବ ନାହିଁ ବୋଲି ଆଇଜିପି, ସେଣ୍ଟ୍ରାଲ ରେଞ୍ଜ ଡ. ସତ୍ୟଜିତ ନାୟକ ସତର୍କ କରିଛନ୍ତି। ପାର୍ବଣ ସମୟରେ ସାଧାରଣଲୋକଙ୍କ ସୁରକ୍ଷା, ଶାନ୍ତି ଓ ନିରାପଦ ପରିବେଶକୁ ପୁଲିସ ସର୍ବାଧିକଗୁରୁତ୍ୱ ଦେଉଥିବା ସେ କହିଛନ୍ତି। ଡ. ନାୟକ କହିଛନ୍ତି ଯେ, ପୂଜାପର୍ବଲୋକଙ୍କ ଆସ୍ଥା, ଭକ୍ତି ଓ ସାମାଜିକ ଏକତାର ପ୍ରତୀକ। ତେଣୁ ପାର୍ବଣରପବିତ୍ର ପରିବେଶକୁ ନଷ୍ଟ କରିବା ଭଳି କୌଣସି ଘଟଣାକୁ ପ୍ରଶ୍ରୟଦିଆଯିବ ନାହିଁ। ଚାନ୍ଦା ନାମରେ ବ୍ୟବସାୟୀ, ଦୋକାନୀ, ଗୃହସ୍ଥ କିମ୍ବାସାଧାରଣ ଲୋକଙ୍କ ଉପରେ ଚାପ ପକାଇବା, ଧମକ ଦେବା କିମ୍ବାଭୟଭୀତ କରିବା ଭଳି କାର୍ଯ୍ୟ ଆଇନସମ୍ମତ ନୁହେଁ। କୌଣସି ବ୍ୟକ୍ତିଏଭଳି ଚାପର ସମ୍ମୁଖୀନ ହେଲେ ଚୁପ୍ ନରହି ପୁଲିସକୁ ସୂଚନା ଦେବାକୁସେ ଆହ୍ୱାନ ଦେଇଛନ୍ତି।

ସେହିପରି ଦାଦାବଟି ଆଦାୟ ଭଳି ଅପରାଧକୁ ମଧ୍ୟ ଗୁରୁତ୍ୱର ସହନିଆଯିବ ବୋଲି ଆଇଜିପି କହିଛନ୍ତି। କୌଣସି ବ୍ୟକ୍ତି ଫୋନ୍, ସାକ୍ଷାତକିମ୍ବା ଅନ୍ୟ କୌଣସି ମାଧ୍ୟମରେ ଟଙ୍କା ଦାବି କରି ଧମକ ଦେଉଥିଲେତାହାର ସୂଚନା ପୁଲିସକୁ ଦେବା ଆବଶ୍ୟକ। ଏଭଳି ଘଟଣା ସମ୍ପର୍କରେସମୟୋଚିତ ଭାବେ



ଖବର ମିଳିଲେ ପୁଲିସ ତଦନ୍ତ କରି ଆଇନଅନୁଯାୟୀ ପଦକ୍ଷେପ ନେଇପାରିବ। ଅପରାଧୀଙ୍କ ଭୟରେ ଅଭିଯୋଗନକରିବା ପରିବର୍ତ୍ତେ ଲୋକେ ପୁଲିସର ସହାୟତା ନେବାକୁ ସେଅନୁରୋଧ କରିଛନ୍ତି। ଲୋକଙ୍କ ମଧ୍ୟରେ ଭରସା ସୃଷ୍ଟି କରିବା ଏହିପଦକ୍ଷେପର ଏକ ପ୍ରମୁଖ ଦିଗ। ଡ. ନାୟକ କହିଛନ୍ତି ଯେ, ଚାନ୍ଦାଆଦାୟ କିମ୍ବା ଦାଦାବଟି ସମ୍ପର୍କରେ ଯେଉଁମାନଙ୍କ ପାଖରେନିର୍ଭରଯୋଗ୍ୟ ତଥ୍ୟ ରହିଛି, ସେମାନେ ପୁଲିସକୁ ଜଣାଇପାରିବେ।ସୂଚନାଦାତାଙ୍କ ପରିଚୟ ଗୋପନ ରଖାଯିବ। ଏହା ଫଳରେ ଲୋକେନିର୍ଭୟରେ ଅପରାଧ ସମ୍ପର୍କରେ ତଥ୍ୟ ଦେଇପାରିବେ ବୋଲି ସେକହିଛନ୍ତି।

ପାର୍ବଣ ସମୟରେ ବିଭିନ୍ନ ସ୍ଥାନରେ ଭିଡ଼ ବଢ଼ିଥାଏ। ପୂଜାମଣ୍ଡପ, ବଜାର, ମୁଖ୍ୟ ରାସ୍ତା ଓ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ ଲୋକଙ୍କ ଯାତାୟାତମଧ୍ୟ ବୃଦ୍ଧି ପାଏ। ଏପରି ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା ସହଅପରାଧ ରୋକିବା ପାଇଁ ପୁଲିସର ଉପସ୍ଥିତି ଓ ନଜରଦାରୀ ବଢ଼ାଇବାକୁଡ. ନାୟକ ଗୁରୁତ୍ୱ ଦେଇଛନ୍ତି। ପୂଜା କମିଟି, ବ୍ୟବସାୟୀ, ସ୍ଥାନୀୟଲୋକ ଓ ପୁଲିସ ମଧ୍ୟରେ ସମନ୍ୱୟ ରହିଲେ ପାର୍ବଣ ଅଧିକ ଶୃଙ୍ଖଳିତ ଓସୁରକ୍ଷିତ ହୋଇପାରିବ। ପୂଜା ଆୟୋଜନ କରୁଥିବା କମିଟିଗୁଡ଼ିକ ମଧ୍ୟଆଇନ ଓ ନିୟମକୁ ସମ୍ମାନ ଦେବା ଉଚିତ ବୋଲି ପୁଲିସ ପକ୍ଷରୁକୁହାଯାଇଛି। ଲୋକଙ୍କୁ ଅସୁବିଧାରେ ପକାଇ କିମ୍ବା ଭୟଭୀତ କରି ଚାନ୍ଦାଆଦାୟ କରିବା ପରିବର୍ତ୍ତେ ସ୍ୱେଚ୍ଛାକୃତ ସହଯୋଗ ଓ ନିୟମିତ ପ୍ରକ୍ରିୟାକୁଅନୁସରଣ କରିବା ଆବଶ୍ୟକ। ପାର୍ବଣ ଉତ୍ସବ ଲୋକଙ୍କ ପାଇଁ ଆନନ୍ଦ ଓଭାଇଚାରାର ଅବସର ହୋଇଥିବାରୁ ଏହାକୁ କୌଣସି ପ୍ରକାର ଭୟ କିମ୍ବାଚାପର ମାଧ୍ୟମରେ ପରିଣତ କରାଯିବା ଉଚିତ ନୁହେଁ। ଡ. ନାୟକଙ୍କ ଏହିଆହ୍ୱାନର ମୂଳ ଉଦ୍ଦେଶ୍ୟ ହେଉଛି ପାର୍ବଣ ସମୟରେ ଲୋକଙ୍କ ମଧ୍ୟରେସୁରକ୍ଷାର ଭାବନା ବଢ଼ାଇବା ଏବଂ ଅପରାଧୀଙ୍କ ବିରୋଧରେସମୟୋଚିତ ଭାବେ ଆଇନଗତ ପଦକ୍ଷେପ ନେବା। ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସହଯୋଗ ଓ ବିଶ୍ୱାସ ରହିଲେ ଅପରାଧନିୟନ୍ତ୍ରଣ ଅଧିକ ପ୍ରଭାବଶାଳୀ ହୋଇପାରିବ। ତେଣୁ ଚାନ୍ଦା ଆଦାୟ, ଦାଦାବଟି କିମ୍ବା ଧମକ ସମ୍ପର୍କିତ କୌଣସି ଘଟଣା ନଜରକୁ ଆସିଲେତୁରନ୍ତ ପୁଲିସକୁ ଜଣାଇବାକୁ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି।

## ବ୍ରହ୍ମେଶ୍ୱର ଗ୍ୟାସ ଏଜେନ୍ସି ସାମ୍ନାରେ ପୁଣି ସିଲିଣ୍ଡର ପାଇଁ ଲୋକଙ୍କ ଭିଡ

**କେନ୍ଦୁଝର,୧।୧୦(ନି.ସୂ) :** କିଛି ଦିନ ତଳେ କେନ୍ଦୁଝର ସହରର ଧାଙ୍ଗରପଡା ସ୍ଥିତ ଘରୋଇ ବ୍ରହ୍ମେଶ୍ୱର ଗ୍ୟାସ ଏଜେନ୍ସିରେ ସିଲିଣ୍ଡର ଯୋଗାଣରେ ବିଭ୍ରାଟ ହେବାରୁ ପ୍ରବଳ ଜନ ଅସନ୍ତୋଷ ପ୍ରକାଶ ପାଇଥିଲା।

ସେହି ସମୟରେ ଘର ଘରକୁ ମଧ୍ୟ ସିଲିଣ୍ଡର ବୋଝେଇ ଗାଡ଼ି ଯାଉନଥିଲା। ଲୋକଙ୍କ ପ୍ରତିବାଦ ପରେ ତଦନ୍ତ ହୋଇ ଅନିମିୟତ ସ୍ପଷ୍ଟ ହେବାରୁ ଏହି ଗ୍ୟାସ ଏଜେନ୍ସିକୁ କିଛି ଦିନ ସିଲିଣ୍ଡର ଯୋଗାଣରୁ ବିରତ କରାଯାଇ ଟାଉନ ବାହାରେ ଶଙ୍କରପୁର ଗୋଦାମରୁ ଖାଉଟିଙ୍କୁ ସିଲିଣ୍ଡର ଯୋଗାଇ ଦିଆଯାଉଥିଲା।

ଏଥିସହ କେନ୍ଦୁଝର ନାଗରିକ ମଞ୍ଚ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା ପରେ ଘରକୁ ଗ୍ୟାସ ସିଲିଣ୍ଡର ବୋଝେଇ ଗାଡ଼ି ନିୟମିତ ଯାଉଥିଲା। ତେବେ ଆଜି ଏହି ଏଜେନ୍ସି ସାମ୍ନାରେ ଦୂରଦୂରାନ୍ତ ଲୋକେ ଖାଲି ଗ୍ୟାସ ସିଲିଣ୍ଡର ଧରି ଆସି ଭିଡ଼ କରିଥିଲେ। ବରିଷ୍ଠ ନାଗରିକ ମହିଳା ମାନେ ସେଠାରେ ଦୟନୀୟ ଭାବେ ଠିଆ ହୋଇଥିବାର ଦେଖି ପ୍ରତିବାଦ ହେବାରୁ କର୍ମଚାରୀ ମାନେ



ଦୁର୍ବ୍ୟବହାର କରିଥିଲେ। ଲୋକେ ବାରମ୍ବାର ସିଲିଣ୍ଡର ଲାଗି ଦଉଡି ଦଉଡି ହଇରାଣ ହେଉଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ସେହିପରି ଗ୍ୟାସ ଏଜେନ୍ସି ଖାଉଟିଙ୍କ ବସିବା ତଥା ପାଣି ପିଇବା ଲାଗି ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମାନେ କହିଛନ୍ତି।

